# ଭକ୍ତ ଗୋବରୀ



ବୁଦ୍ଧିଆ ବାବାଙ୍କ ଭାବ ଝରଣା

# ଭକ୍ତ ଗୋବରୀ



ବୁଢ଼ିଆ ବାବାଙ୍କ ଭାବ ଝରଣା

୧


URL: http://www.garoiashram.org
Email: garoiashram@gmail.com or info@garoiashram.org
Phone: +91-70777-71717



ପ୍ରକାଶକ: ଜଗନ୍ନାଥ ସଂସଦ
ଗୋବର୍ଦ୍ଧନ ପୀଠ, ଗାରୋଇ ଆଶ୍ରମ,
ପୋ: କୋରୁଅ, ଭାୟା - ନାଉଗାଁ,
ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା

ବାବା ଶ୍ରୀ ଶ୍ରୀ ବୁଦ୍ଧନାଥ ଦାସ (ବୁଢ଼ିଆ ବାବା)ଙ୍କ ଭାବ ଝରଣା

# ଭକ୍ତ ଗୋବରୀ

(ପ୍ରଥମ ଖଣ୍ଡ)


<u>ପ୍ରଥମ ପ୍ରକାଶ</u>

ବକୁଳ ଅମାବାସ୍ୟା, ୧୩.୦୧.୨୦୦୨

<u>ପ୍ରକାଶକ</u>

ଜଗନ୍ନାଥ ସଂସଦ
ଗୋବର୍ଦ୍ଧନ ପୀଠ, ଗାରୋଇ ଆଶ୍ରମ,
ପୋ: କୋରୁଅ, ଭାୟା - ନାଉଗାଁ,
ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା

ସହଯୋଗ: ଟଙ୍କା ୧୦.୦୦





ଅଚ୍ୟୁତ ଅଣାକାର ଜ୍ୟୋତି ।
ସେ ପାଦେ ସଦା ମୋର ପ୍ରୀତି ॥
ସେ ପ୍ରୀତି ଅପ୍ରୀତି ନୋହିବ ।
ପରମ ପ୍ରୀତି ଭାବେ ଥିବ ॥

ଶ୍ରୀଗୁରୁ ଚରଣକୁ ଆଶା ।
ବୁଢ଼ିଆ କରିଛି ଭରସା ॥

## ଝର-ସୂଚୀ


| କ୍ର.ନଂ | ଝର | ପୃଷ୍ଠା |
|---|---|---|
| ୧ | ତେଲସରାରେ ମୁଁ | ୫ |
| ୨ | ଗୋପର ଲୀଳା ଶେଷ କରି | ୬ |
| ୩ | ତେର ଜନମରେ | ୮ |
| ୪ | ଜନମ ଦିନରେ | ୧୧ |
| ୫ | ଆଜି ପରା ଜନମ ଦିନ | ୧୩ |
| ୬ | ଭବ ନଈରେ | ୧୩ |
| ୭ | ଇଚ୍ଛାମୟ ହରି | ୧୪ |
| ୮ | କରୁଅଛି ଜଣେ ସେ ହରି | ୧୫ |
| ୯ | ବେଳ ବୁଡ଼ିଗଲେ | ୧୭ |
| ୧୦ | ଭଜମନ ଗୁରୁ ନାମହେଳା ନକର | ୧୮ |
| ୧୧ | ଭବ ସିନ୍ଧୁ ପାରି | ୧୯ |
| ୧୨ | ହଜି ଗଲେ ପାଇବୁ ନାହିଁ | ୨୦ |
| ୧୩ | ଚାରି ଆଡ଼କୁ ବାହୁ ମେଲେଇ | ୨୧ |
| ୧୪ | ଯିବା ବେଳ ହେଲାଣି ମୋର | ୨୨ |
| ୧୫ | ଅଞ୍ଜଳି ଭରିଣ ଫୁଲ ଦେବି ତୋତେ | ୨୩ |
| ୧୬ | ମନୁଆ....... | ୨୪ |
| ୧୭ | ମରଣ ଦିଅହେ | ୨୬ |
| ୧୮ | ଗଲାବେଳେ କାଳିଆ ତୋ' | ୨୭ |
| ୧୯ | ସରି ଯାଉଛି ଦିନ | ୨୮ |
| ୨୦ | ସରଳ ପଥରେ ଜଟିଳ କରନା | ୨୯ |
| ୨୧ | ରଣ ମରଣ ଛାର ଜନ ପାଇଁ । | ୨୯ |
| ୨୨ | ଧର୍ମ ଏକା ଦୁନିଆଁରେ ଗଣିବାକୁ ନାହିଁ । | ୩୦ |
| ୨୩ | କିଏ ଫୁଟୁଛି ମର୍ତ୍ତ୍ୟରେ | ୩୨ |
| ୨୪ | ଠାକୁର ମୋ ଭାରି ଚାଲାଖି ସେ ଭାରି ଚାଲାଖି | ୩୩ |
| ୨୫ | ଚାରି ଆଡ଼େ ବଟ ଡ଼ାଳ ମେଲି ଯାଇଛି | ୩୪ |
| ୨୬ | କେବେ ଆସିବ କୋଳେ ବସିବ | ୩୬ |
| ୨୭ | ବସନ୍ତ ଆଇଲେ କୋଇଲି ଡ଼ାକିବ | ୩୭ |
| ୨୮ | ପରମ ପୁରୁଷ ପରମ ହଂସ | ୩୯ |


(୧)



ତେଲସରାରେ ମୁଁ ଜନମ ଲଭିଲି
ଚିହ୍ନି ନ ପାରିଲେ କେହି ।
ବିଦ୍ୟା ନ ଜାଣଇ ଘାସ ମୁଁ କାଟଇ
ଖୁଆଇବା ପାଇଁ ଗାଈ ॥୧॥

ବାଳୁତ କାଳରେ ଜନ୍ମ ବେଳପରେ
ମୋ ମାତା କୁହଇ ମୋତେ ।
ଅମାବାସ୍ୟା ଶେଷ ପ୍ରତୀପ ପ୍ରବେଶ
ଦୁଃଖରେ ଜନ୍ମିଲି ତୋତେ ॥୨॥

ତିନି ଦିନ ଶୂଳ ହୋଇଲା ପ୍ରବଳ
ଭୂମିରେ ପଡ଼ିଲୁ ନାହିଁ ।
ଆକୁଳ ବିକଳ ଗ୍ରାମ ମହାଦେବ
ଡ଼ାକଇ ଜନ୍ମିବା ପାଇଁ ॥୩॥

ଦେହ ଯାକ ନାଡ଼ି ହୋଇଥିଲା ବେଢ଼ି
ଉପାୟ ମୋହର ଶୂନ୍ୟ ।
ବିକଳ ଆକୁଳ ଡ଼ାକୁଥାଇ ମୁହିଁ
ଥରେ ଶୁଣ ଭଗବାନ ॥୪॥

ପାହାନ୍ତା ପହର ଶେଷ ସମୟର
ସୁନ୍ଦର୍‌ ବଉଦପରି ।
ଅନ୍ଧାର ଘରଟି ଆଲୋକ ହୋଇଲା
ଜନ୍ମ ହୋଇଲା ତୋହରି ॥୫॥

ତିନି ରଡ଼ି ତିନି ଭିନ୍ନରେ ଶୁଭିଲା
ବୁଝି ନ ପାରିଲି କିଛି ।
ସେବେଳେ କୁମୁଦ ଶୂଳ ଧରି ଥାଏ
ଧୈର୍ଯ୍ୟ ଧରି ରହି ଅଛି ॥୬॥


ଶବ୍ଦ ପରେ ନିଶ- ବଦ ହୋଇଗଲା
ଦେହେ ନଥିଲା ତୋ ପ୍ରାଣ ।
ଜଟିଆ ସାଆନ୍ତ ବିକଳେ ଡାକନ୍ତେ
ରଡ଼ିହେଲା ତତକ୍ଷଣ ॥୭॥

ରାତ୍ର ପାହିଗଲା ବୁଧବାର ହେଲା
ନାମ ତୋ ବୁଧିଆ ତେଣୁ ।
ବୁଧିଆ ବୁଧିଆ ସର୍ବେ ଡ଼ାକୁଥାନ୍ତି
ବୁଦ୍ଧିଜ୍ଞାନ ନାହିଁ ଯେଣୁ ॥୮॥

ଜନମ କାଳରୁ ଦୁଃଖ କଷ୍ଟରିଷ୍ଟ
ସାତ ବରଷ ପର୍ଯ୍ୟନ୍ତ ।
ତାଙ୍କରି ନାମରେ ପାଣିଛଡ଼ାଇଣ
ତୁଟେ ତାଙ୍କ ମନ ଭ୍ରାନ୍ତ ॥୯॥

●

## (୨)



ଗୋପର ଲୀଳା ଶେଷ କରି    କଳିରେ ଶେଷ ମୋ ଗୋବରୀ ।
ପୀଠ ଯେ ଗୋବର୍ଦ୍ଧନ ମୂଳ    ସାକ୍ଷୀ ଯେ ମୋ ବଟ ବକୁଳ ॥

ଦ୍ୱାରିକା ଲୀଳା ଶେଷ ବେଳେ    ସେହି ଚଳିଲେ ଅନ୍ତରାଳେ ।
ମଥୁରା ମାତା ପିତା ତାରି    ଭକ୍ତ ପରୀକ୍ଷା ଶେଷ କରି ॥

ଶେଷ ଅକ୍ରୁର ପରିଚୟ    ମଥୁରା ତୁଟାଇଲି ଭୟ ।
ତାପରେ ଦ୍ୱାରିକାରେ ବାସ    ଲକ୍ଷ୍ମୀ ରୁକ୍ମିଣୀ ହେଲେ ଦୃଶ୍ୟ ॥

ମାୟା ସ୍ତିରୀକି ସଙ୍ଗ କଲେ    ରାଧାକୁ ଛଦ୍ମ ଦେଖାଇଲେ ।
ଶେଷ ନ କଳିର ବିଚାର    ନର ଶରୀର ଗୁପ୍ତ ତାର ॥

ଦାରୁ ଶରୀର ରୂପ ହେଲା    ଆପଣା ରୂପ ଲୁଚାଇଲା ।
ରୂପେ ଅରୂପ ହେବ ଯୋଗ    ଏଣୁ ଯେ କଳି ଲୀଳା ଭୋଗ ॥

ପର ଗୃହରେ ବାସ ଯେଣୁ    ଦୀନ ଦରିଦ୍ର ନାମ ତେଣୁ ।
ଏମନ୍ତେ ତିନି ଯୁଗ ଗଲା    କଳି କି ଅଗୋଚର ହେଲା ॥

ବନ୍ଧୁ ବାନ୍ଧବ ପିତା ମାତା    କୁଟୁମ୍ବ ଛଞ୍ଜାଳ ବ୍ୟବସ୍ଥା ।
ସହୋଦର ମୋ ଜ୍ଞାତି ନାହିଁ    ମୋ କ୍ରିୟା କର୍ମ ଶେଷ ପାଇଁ ॥

ଯେ ବେଳେ ବଙ୍ଗଳା ଛାଡ଼ିଲି    ପଞ୍ଚରତ୍ନକୁ ସଙ୍ଗ କଲି ।
କଳିରେ ଓଡ଼ିଶା ଦେଶରେ    ପଞ୍ଚସଖା ମୋ ପ୍ରାଣ ବାରେ ॥

ପରିଚୟ ମୋ ଶେଷ ପାଇଁ    ପଞ୍ଚ ମନ୍ତ୍ରକୁ ଯାଚି ଦେଇ ।
ସେ ସ୍ଥାନେ କିଛି ଦିନ ରହି    ଆମ୍ଭେ ଚଳିଲୁ ବେନି ଭାଇ ॥

ଚିତା ଚୈତନ୍ୟ ନାମ କଲୁ    ବ୍ରାହ୍ମଣେ ଅପବାଦ ନେଲୁ ।
ନିଜରେ ନିଜ ଅଭିମାନ    ଶରୀରେ ଶରୀର ଗୋପ୍ୟନ ॥

ବିଜୁଳି ପ୍ରାୟ ମନ୍ଦିରରେ    ଖେଳିଲୁ ଅର୍ଗଳି ଭିତରେ ।
ବ୍ରହ୍ମରେ ବ୍ରହ୍ମ ମିଶିଗଲା    ଏକଥା କେହି ନ ଜାଣିଲା ॥

ଜାଣିଲେ ମୋର ପଞ୍ଚପ୍ରାଣ    ରହିଲା ଶେଷକୁ ପ୍ରମାଣ ।
ସେ ବ୍ରହ୍ମ ରଖିଥିଲି ମୁହିଁ    ସେ ବ୍ରହ୍ମ ହରିବି ମୋ ପାଇଁ ॥

ବାର ଜନମ ସମରର    ଲିଳିତା ସମର୍ପଣ ତାର ।
କଳିରେ ସାତ 'କ' ହେବ    କମଳେ ବ୍ରହ୍ମ ଲୁଚାଇବ ॥

ବାସସ୍ଥାନ ମୋ ହେବ ନାଶ    କି ମାତ୍ର ଥିବ ନାମ ଯଶ ।
କି ବେଳେ ହରେ ମୋର ବ୍ରହ୍ମ    ତା ମତି କଲି ମୁହିଁ ଭ୍ରମ ॥

ନାଭି କମଳେ ରୋଗ ଜାତ    ଏକୋଇ ମାତ୍ର ତାର ସୁତ ।
ଦମ୍ଭପସରା ଭାଙ୍ଗି ଟାଣ    ନିଜେ ଖଞ୍ଜିଲି ପଞ୍ଚ ପ୍ରାଣ ॥





ଗର୍ଭେ ପଶିଲୁ ଆପେ ଯାଇ    ନରକୁ ନର ଶିକ୍ଷା ପାଇଁ ।
ମୋ ବଂଶ କଳିରେ ବିନାଶ    ମୋ ଅଂଶେ ନ ରହିବ ଅଂଶ ॥

ମୋ ନାମ ଶେଷ ସମୟରେ    ଖେଳିବି ଚଉଦ ଜଣରେ ।
ମୋ ରାଜବାଟୀ କଂସ ଦ୍ୱାର    ଏବେ ଯେ ଅଛି ରୂପଠାର ॥

ଗଡ଼ରେ ଥିଲା ମୋ ଆସନ    ତାକୁ ଭାଙ୍ଗିଲେ ଦୁଃଶାସନ ।
ଚାରିବାଟିଆ ଦ୍ୱାରଚାରି    କଳିରେ ଦ୍ୱନ୍ଦ ଯେ ମୋହରି ॥

ଦର୍ଶନ ପାଇଁ ମହାନଦୀ    କି ମାତ୍ର ଅଛି ତୋପ ଗାଦି ।
କଳି କମାଣ ଘର ମୋର    ଗୁପ୍ତରେ ନିର୍ମାଣ ଆବର ॥

ଖେଳୁଛି ଗୁହାରେ ଲୁଚାଇ    ସମୟ ନିକଟ ହୁଅଇ ।
ଏକା ମୋହର ରହିଥିବ    ସେବେଳେ ଉଇ ବୁଡ଼ିଯିବ ॥

ପକ୍ଷୀ ଛିଡ଼ିଣ ଯିବ ନାଶ    ବିହଙ୍ଗ କରୁଥିବେ ଗ୍ରାସ ।
ବିପଥ ହୋଇବ ସେବେଳ    ନେମାଳେ ହେବ ଶେଷ ଖେଳ ॥

ବାର ଦିବସ ମହାରଣ    ସୀମାନ୍ତେ କମ୍ପିବ କମାଣ ।
ବିହନ ବଛା ବଛି ହେବ    ବାରରେ ପରୀକ୍ଷା ସରିବ ॥

ଦୁଇ ହଜାର ବାର ବର୍ଷ    ତାପରେ ସତ୍ୟ ଯେ ପ୍ରକାଶ ।
ତାପରେ ହେବ ପଞ୍ଚ ଯୁଗ    ମୋ ନାମ କଳିରେ ସମ୍ଭବ ॥

ଚାରିଲକ୍ଷ ମୋ ପାପେ ଯିବ    ଅଠାଇଶି କାଳରେ ଖେଳିବ ।
ଚାରି ହଜାର ସତ୍ୟ ଥିବ    ବତିଶ ଲକ୍ଷ ଶେଷ ହେବ ॥

ସତ୍ୟରେ ନଥିଲା ମୋ କାଳ    କାଳ ମୋ ଥିଲା ପାଦତଳ ।
ତ୍ରେତାରେ କାଳ ସଙ୍ଗକଲି    ନେଇଣ ସଙ୍ଗେ ବିହରିଲି ॥

ରାବଣ ହୋଇଲା ମୋ କାଳ    ଲଙ୍କାରେ ଜାଳିଲି ଅନଳ ।
ଦ୍ୱାପରେ କାଳ କୁରୁଦଳ    ମୋ ବଂଶ କରିଲି ନିର୍ମୂଳ ॥

ଶେଷ ମୁଁ ଭିକ୍ଷା ତାଙ୍କ ଦ୍ୱାରେ    ମାଗିଲି ବ୍ରାହ୍ମଣ ରୂପରେ ।
ଦୁର୍ଯ୍ୟୋଧନର ଗର୍ବପଣ    ସାକ୍ଷାତେ ବାଜେ ଅଙ୍ଗେ ବାଣ ॥

ନ ସହିପାରି ତାର ବାଣୀ    ଫେରିଲି ସେଠୁ ତତକ୍ଷଣି ।
କଳିରେ କାଳ ଘରେ ଘରେ    ବୁଲୁଛି ମୁଁକାର ବେଶରେ ॥

କାହାରି ନାହିଁ ଚେତାଜ୍ଞାନ    ଗୁରୁ ଗୌରବ ମାତା ହୀନ ।
ବନ୍ଧୁବାନ୍ଧବ ହରାଇଲି    ନରକ ଭିତରେ ଖେଳିଲି ॥

ଦେହ ହୋଇଲା ଚାରିଭାଗ    ଏଣୁ ମୋ ନାହିଁ ଦିଗ ଭାଗ ।
ବିଶ୍ରାମ କରେ ଶେଷ ବେଳେ    ଖେଳ ମୋ ନାଭିର କମଳେ ॥



ଭୋଜନ କରେ ପଞ୍ଚରସ — ଯେ ସ୍ଥାନେ ହରଷୁ ହରଷ ।
ପ୍ରେମକୁ କରେ ଆଲିଙ୍ଗନ — ସତ୍ୟକୁ କରିଛି ବସନ ॥

ଶ୍ରଦ୍ଧାକୁ ଭୋଜନ କରିଛି — କଳିରେ ଶ୍ରୀଅଙ୍ଗ ଖେଳିଲି ।
ଶ୍ରୀ ଜଗନ୍ନାଥ ସେବା କରି — ସେବକ ନୁହଁଇ କାହାରି ॥

ଭକ୍ତ ସମର୍ପି ଦୁଃଖ ଥାଇ — ସୁଖ ମୁଁ କେବେ ନଜାଣଇ ।
ପ୍ରଭୁଙ୍କ ଆଜ୍ଞା ଶିରେ ଧରି — ଖେଳଇ ସଙ୍ଗେ ନର ନାରୀ ॥

ମିଥ୍ୟାରେ ଦୁଃଖ ଅପମାନ — ଶୁଣୁଣ ଥାଇ ମୋର କର୍ଣ୍ଣ ।
ଦାରୁଣ ଦୁଃଖ ନ ସହିଲା — ଏମନ୍ତ ଦାରୁ ରୂପ ହେଲା ॥

ସେ ମୋତେ କରେ ଛଟପଟ — ଏଣୁ ଯେ ନିକଟୁ ନିକଟ ।
କ୍ଷୁଧା ପିପାସା ହେଲା ନାଶ — ଉପାସ କରୁଥାଏ ଗ୍ରାସ ॥

●

## (୩)

ତେର ଜନମରେ — ତେରଟି ମାଆ ।
ତେର ପରକାର — ଗୁଣଟି ଯାହା ॥

ଏକ ହୋଇଥିଲେ — ଏକ ହୁଅନ୍ତା ।
ବହୁ ହେବାରୁହେଲା — ଏହି ପନ୍ଥା ॥

ଆବର ଅଠର — ମାତା ମୋହରି ।
ଅଷ୍ଟାଦଶାକ୍ଷର — ଲେଖିଲି ଧରି ॥

ଗୀତା ପିତା, ଚଣ୍ଡୀ — ମୋହର ମାତା ।
ହୀନ ଜନ୍ମ ହେଲା — ବୁଦ୍ଧିଆ ପୁତା ॥

କହିଲେ ଲଜ୍ଜା — ଲାଗୁଛି ମୋ ମୁଖ ।
ନ କହିଲେ ଭାରି — ଲାଗଇ ଦୁଃଖ ॥

ଛତିଶ କୁଳକୁ — ଉଦ୍ଧାର କଲି ।
ଶେଷ ଜନ୍ମ ଓଡ଼ — ରାଷ୍ଟ୍ରରେ ହେଲି ॥

ତେର ଜିଲ୍ଲା ଥିଲା — ଯେବେ ଏ ଦେଶ ।
ତେର ଠାବେ ମୁହିଁ — ହୀନ ମନୁଷ୍ୟ ॥

ପାମର ଅଧମ — ଗୁଆଁର ଜାତି ।
ଗୋପାଳ ସଙ୍ଗେ ମୁଁ — ହୋଇଲି ସାଥୀ ॥

ଅଧମ ଉଦ୍ଧାର — କରିଛି ଯହୁଁ ।
ଅଧମ ପାମର — ହୋଇଲି ତହୁଁ ॥





ହୀନ ଜାତିକି ଯେ — ଉଦ୍ଧାର କଲି ।
ଦୀନ ଅଚ୍ୟୁତ ମୋ — ନାମ କହିଲି ॥

ଏମନ୍ତ ଯେତେ ପ୍ର- — କାରେ ମୋ ନାମ ।
ଖୋଜିଲେ ନଥିବ — ଜମା ଉତ୍ତମ ॥

ନର୍କ ଉଦ୍ଧାରି — ବୈକୁଣ୍ଠକୁ ଯାଇ ।
ପାଷାଣ୍ଡ ପରାୟ — ଦେହ ରଖଇ ॥

ହୀନ ଦିନରେ ମୋ — ନାହିଁ ଭରସା ।
ବଟ ଛାୟା ତଳ — ସର୍ବଦା ଆଶା ॥

ଶେଷ ସମୟରେ — ମୋତେ ମୁଁ ନାଶ ।
ଭିକ୍ଷା କରିଣ — କରିଛି ଉଆସ ॥

ତାଙ୍କ ବାକ୍ୟ ତାଙ୍କ — ନୀତିକି ମାନି ।
ଜନ୍ମ ଜନ୍ମାନ୍ତର — ହେଲି ବେମାନି ॥

ମୋ ଧର୍ମ ମୋ କର୍ମ — ମୋ ନୀତି ମୋତେ ।
ଜାଣି ପାରିବେକି — ଯେତେ ସମସ୍ତେ ॥

ଘରଣିଆ ପଣେ — କାଟଇ ଦିନ ।
ମାନବ ମଧ୍ୟରେ — ମୁଁ ମହାହୀନ ॥

(ଆଉ) ଟେକ ନ ପାରେ — ଭିକ୍ଷା ମାଗି ଖାଇ ।
ରାଜା ଜମିଦାର — ରଖିଲି ନାହିଁ ॥

ପ୍ରଜାକୁ ବାଣ୍ଟିବି — ଗୃହ ଜଞ୍ଜାଳ ।
ସର୍ବେ ହୋଇଥିବେ — କଳି କାଙ୍ଗାଳ ॥

ଦେଶ ବିଦେଶୁ — ଭକ୍ଷିବେ ଚାଉଳ ।
କାହାର ନଥିବ — ଯେ ଜାତିକୁଳ ॥

ବ୍ରହ୍ମଦେଶକୁ — ପ୍ରଥମେ ଭାଙ୍ଗିଲି ।
ତା ପରେ ତେର ଜିଲ୍ଲା — ନାଶ କଲି ॥

ତେର ଗର୍ଭରେ — ତେରସରା ଗ୍ରାମ ।
ତେର ମୋ ମାନବ — ମୋହରି ନାମ ॥

ମୋ ଜାତି ମୋ ପତି — କୁଳ ମାତର ।
କହିବା ପାଇଁ — ନ ଥିବ ଚାତର ॥

ଭିଖାରୀ ହୋଇଲି — କାହାକୁ ଚାହିଁ ।
ମନେ ପଡ଼ିଗଲା — ସେ ବେଳ ପାଇଁ ॥

ଜନ୍ମ କାଳରୁ ମୁଁ — ଭିକ୍ଷାରେ ଆଶ
ଭିକ୍ଷା ନିମନ୍ତେ — ହେଲି ହୀନ ଦାସ ॥



ଏଠୁ ଆଉ ନାହିଁ   ଜନ୍ମ ମୋହରି ।
ପାଦ ତଳେ ଭିକ୍ଷା   ମାଗେ ତୋହରି ॥

ହୀନ ଜନମ ମୁଁ   ହୀନ ମନୁଷ୍ୟ
ଦୋଷ କରିଥିଲେ   କରିବ ଆଶ ॥

ଯୁଗକୁ ଯୁଗ ହେଲା   ଶେଷ ମୋର ।
ଦାସ ପଣେ ପାଦେ   ଖଟେ ତୋହର ॥

ନିର୍ଦ୍ଦୋଷୀକି ପ୍ରଭୁ   ଦୋଷ ଦବନି ।
ରାଜପଣରେ ହେଁ   କେବେ ନବନି ॥

ଦେବ କର୍ମକୁ ମୁଁ   ଅଯୋଗ୍ୟ ଜନ ।
ତୁମେ ମହାପ୍ରଭୁ   ମୋର ମହାନ ॥

ମହାପ୍ରଭୁ ବୋଲି   ଡ଼ାକିବି ବୋଲି ।
ନିତି ଖୋଜୁଥାଏ   ଶରଧା ବାଲି ॥

ତୋ ଶରଧା ମୋର   ହେବ ଶରଧା ।
ଏ ଜନମ ପ୍ରଭୁ   ତୋ ରୂପ ଅଧା ॥

ବିକଳାଙ୍ଗ ଛାଡ଼ି   ପୂର୍ଣ୍ଣାଙ୍ଗ ହେବ ।
ପୁଣ୍ୟ ତୋୟା କୂଳେ   ଦିନ ସରିବ ॥

ଗୋବରୀ ଯେ ବେଳେ   ଶୁଖିବ ଜଳ ।
ପୃଥ୍ୱୀ ମଣ୍ଡଳ   ହୋଇବ କାଙ୍ଗାଳ ॥
କୁମ୍ଭୀର ନଥିବେ   ମନୁଷ୍ୟ ପାଇଁ ।
କୁମ୍ଭୀର ମନୁଷ୍ୟ   ମନୁଷ୍ୟ ହୋଇ ॥
ସେବେଳେ ପ୍ରଭୁ   ଅନ୍ତର୍ଦ୍ଧାନ ହେବ ।
ମାନବ ଶରୀରେ   ଗୁପ୍ତେ ଖେଳିବ ॥

ଦାନବ ଦାନବ   ହୋଇବେ ମେଳି ।
ଭକ୍ତ ସଙ୍ଗରେ   ହେବ ଗୁପ୍ତ କେଳି ॥

ଧନ୍ୟ ମହାପ୍ରଭୁ   ଲୀଳା ତୁମ୍ଭର ।
ମାୟାରେ ଚମ୍ପାଯେ   ମାତା ମୋହର ॥

କର୍ମ ସରିଲେ କେ   କାହାର ହେବ ।
ଏ ହୀନ ଜନମ   ମୋର ସରିବ ॥

ଏ ବଂଶ କୁଟୁମ୍ବ   ସୁଖରେ ଥାଉ ।
ହୀନ ବୁଦ୍ଧିଆର   ଏତିକି ରହୁ ॥

●





(୪)

ଜନମ ଦିନରେ   ଜହ୍ନମାମୁଁ ମୋର
ଲୁଚିଗଲେ କେଉଁଠାଇଁ ।
ଦ୍ୱାଦଶ ମାସରେ   ନିଶି ଅମାବାସ୍ୟା
ବଉଳଫେଣ୍ଟିର ପାଇଁ ॥୧॥

ସେ ବଉଳ ଲାଗି   କାଳିଆ ଚାହିଁଛି
ଚକୁଳି ହେବ ମୋ ପାଇଁ ।
ଭକତ ଲାଗିସେ   ଖେଳ ଖେଳୁଥାଏ
କିଏ ସେ ପାରିବ କହି ॥୨॥

ଭକତ ଲାଗିରେ   ଭକ୍ତ ଗହଳରେ
ଖେଳୁଥାଏ ଢ଼େଇଁ ଢ଼େଇଁ ।
ସେହି ଦିନ ସେହି   କେହି ଜନମିଲା
ସେହି ସେ ଅଚ୍ୟୁତ ହୋଇ ॥୩॥

ଚ୍ୟୁତରୁ ଜନମ   ଅଚ୍ୟୁତ ତା ନାମ
ପଞ୍ଚଭୂତ ଯୋଗ ଦେଇ ।
ମଧୁମୟ ମାସ   ମଧୁକର ଆଶ
(ଆଉ) ଗୁଞ୍ଜନ ଶବଦ ଦେଇ ॥୪॥

ଏହି ବଉଳରେ   ଭକ୍ତ ବଉଳନ୍ତି
କୋକିଳ ଡାକେ ତା ପାଇଁ ।
ଦକ୍ଷିଣା ପବନ   ବହେ ଘନ ଘନ
ଘନଶ୍ୟାମ ପ୍ରାଣ ପାଇଁ ॥୫॥

ଅର୍ଦ୍ଧେକ ଉଷୁମ   ଅର୍ଦ୍ଧେକ ହେମାଳ
କାଳର ବରଷା ପାଇଁ ।
ଶୀତରେ ବସନ୍ତ   ଏକତ୍ର ହୁଅନ୍ତି
ଆସ ଶ୍ୟାମ ଘନ ଧାଇଁ ॥୬॥

ସେହିଦିନ ଗୁରୁ   ଅଚ୍ୟୁତ ଜନମ
ତାଙ୍କରି ଜନମ ପାଇ ।
ତାଙ୍କରି ନାମକୁ   ଗାଇବା ପାଇଁକି
ଦିନ ରାତି ଥାଏ ଚାହିଁ ॥୭॥

ଆସିବେ ଭକତ   ଗାଇବେ ଅଚ୍ୟୁତ
ତାଙ୍କରି ନାମର ପାଇଁ ।



ସେଇ ପ୍ରଭୁମୋର　　ହୋଇଥିବ ଭକ୍ତର
　　　　ଆଶ୍ୱାସନା ଯିବେ ଦେଇ ।।୮।।

ସେ ଦିନ ସେ ବଟେ　　ଖେଳେ ଘଟେ ଘଟେ
　　　　ଦେଖିଲେ ଛାଡ଼ିବୁ ନାହିଁ ।
ଜଗି ବସିଥାଏ　　ସେହି ଦିନ ମୁହିଁ
　　　　ଅଚ୍ୟୁତ ଆସିବା ପାଇଁ ।।୯।।

ଓଁକାରୁ ଓହ୍ଲାଇ　　ଅଣାକାରେ ଖେଳେ
　　　　ଅକାମନା ବିନ୍ଦୁହୋଇ ।
ଭକତ ଜନର　　ନିଜର ହୁଅନ୍ତି
　　　　ପର ଅପର ନଥାଇ ।।୧୦।।

ଆନନ୍ଦ ବଜାର　　ଆନନ୍ଦ କରନ୍ତି
　　　　ଆନନ୍ଦ ଆନନ୍ଦ ହୋଇ ।
ଆନନ୍ଦରେ ନନ୍ଦ　　ନାଚିଯାଉଥାଏ
　　　　ସେହି ସେ କଳା କହ୍ନାଇ ।।୧୧।।

ଭକ୍ତ ଆନନ୍ଦରେ　　ପ୍ରଭୁଙ୍କ ଆନନ୍ଦ
　　　　ମହା ଆନନ୍ଦ ବୋଲାଇ ।
ସେ ଦିନ ଆନନ୍ଦ　　ଭକ୍ତ ଏକା ଜାଣେ
　　　　କେହି ହେଲେ ଜାଣେ ନାହିଁ ।।୧୨।।

ବଟ ପୁଟ ବାସୀ　　ଆନନ୍ଦରେ ଆସି
　　　　ଆନନ୍ଦରେ ଖେଳେ ଧାଇଁ ।
ବୁଝିଆ ଆନନ୍ଦ　　ସେଦିନ ଆନନ୍ଦ
　　　　(ଆଉ) ତା'ଭକ୍ତ ଆନନ୍ଦ ପାଇଁ ।।୧୩।।

ଅଚ୍ୟୁତ ଜନମ　　ଆନନ୍ଦ ତା'ନାମ
　　　　ଯାଏ ତ ଆନନ୍ଦ ହୋଇ ।
ସେହି ଆନନ୍ଦରେ　　ମୋହରି ଆନନ୍ଦ
　　　　ଟିକିଏ ପାଇବା ପାଇଁ ।
　　　　ପ୍ରଭୁହେ, ଟିକିଏ ପାଇବା ପାଇଁ ।।୧୪।।

●





## (୫)

ଆଜି ପରା ଜନମ ଦିନ
ଆନନ୍ଦ ଲାଗଇ ଭକତ ମନ ।।୦।।

ହରି କିରିତନ　　କମ୍ପମାନ ହୁଏ (୨)
　　　　ହରି ହରି ବୋଲି(୨)　ହୁଏ ଉଚ୍ଛନ୍ନ ।।୧।।
ବରଷ ପଡ଼ିଛି　　ଅନାଇଁ ବସିଛି(୨)
　　　　ଆସିବେ ମୋହର (୨)　ଚକାନୟନ ।।୨।।
ଭକତ ଭାବରେ　　ବନ୍ଧା ହୋଇଥାଇ (୨)
　　　　ଭକତ ଜନଙ୍କ (୨)　ଜୀବଜୀବନ ।।୩।।
ସେଦିନ ସେ ନାମ　　ଆନନ୍ଦ ଲାଗଇ (୨)
　　　　ଆକାଶରେ ଲୁଚି (୨)　ରହଇ ଜହ୍ନ ।।୪।।
ପଞ୍ଚସଖାଙ୍କର　　ପଞ୍ଚ ଆତ୍ମାଲୀଳା (୨)
　　　　ତାରା ହସି ଦିଏ (୨)　ତିନି ଭୁବନ ।।୫।।
ଯେଣିକି ଚାହିଁଲେ　　ତେଣେ ଆସୁଥାନ୍ତି (୨)
　　　　ହସି ହସିତା'ର (୨)　ଭକତ ଜନ ।।୬।।
ବଟ ମୂଳେ ନଟ　　ନାଟ ଲଗାଇଛି (୨)
　　　　ଏକ ଆତ୍ମା ଏକ (୨)　ଏକ ଜୀବନ ।।୭।।

●

## (୬)

ଭବ ନଈରେ　　ଭାବ ତରାଇ
　　ଭାବେ କରୁଥାଏ ପାରି ।
ଏପାରି ସେପାରି　　ଭଡ଼ା ଭଡ଼ା କରେ
　　ନାଉରୀ ନୁହେଁ କାହାରି ।।

ନାବେ ଥିବା ଯାଏ　　ଭାବ ରହିଥାଏ
　　କରି ଦେବା ପାଇଁ ପାରି
କେ ଡ଼ାକେ ମଉସା　　କେ ଡ଼ାକଇ ଭାଇ
　　(ସିଏ) ବନ୍ଧୁ ନୁହଁଇ କାହାରି ।
ବିଶ୍ୱାସରେ ଥରେ　　ପାରି ଏ ଭବରେ
　　ଆ' ତୁ ବିଶ୍ୱାସ କରି ।।



ଅବିଶ୍ୱାସ କଲେ　　　　ବୁଡ଼ିଯିବ ନାବ
ଅକାଳରେ ଯିବୁ ସରି
ଏକଇ କରତା　　　　ବୁଝେ ସବୁ କଥା
ତାର ନାମ ସେଇ ହରି ।
ହରି ନାମ ନାବ　　　　କରୁଥାଆ ଠାବ
ହୀନ ପ୍ରାଣ ଯିବ ସରି ॥

ଗୋବରୀ କୂଳରେ　　　　ଦିନ ସରୁ ନାହିଁ
ତୋର ନାମ ଜପ କରି
ଏ ପାଖ ସେ ପାଖ　　　　କାହିଁକି ଦେଖାଅ
ତୋର ରୂପ ମାୟାକରି ।
ଭଳି ଭଳି ରୂପ　　　　ଗଢ଼ଇ ଜଗତ୍ର
ହସ୍ତେ ପ୍ରେମ ତୂଳି ଧରି ॥

●

(୭)

ଇଚ୍ଛାମୟ ହରି　　　　ଇଚ୍ଛାରେ ଆସିଛ
ଇଚ୍ଛାରେ ଯିବ ଯେ ସରି ।
ଇଚ୍ଛାକଲେ ଇଚ୍ଛା　　　　ଶୂନ୍ୟରେ ଖେଳିବ
ଇଚ୍ଛା ଭଜେ ହରି ହରି ॥୧॥
ଇଚ୍ଛାର ଦୁନିଆଁ　　　　ଇଚ୍ଛାରେ ମରଣ
ଇଚ୍ଛାରେ ରହିଛି ପୂରି ।
ଇଚ୍ଛା ସରିଗଲେ　　　　ଇଚ୍ଛାରେ ଇଚ୍ଛାରେ
ଇଚ୍ଛା ପଡୁଥିବ ଝୁରି ॥୨॥
ସେହି ଗଢ଼ିଛନ୍ତି　　　　ସେହି ଭାଙ୍ଗୁଛନ୍ତି
ସେହି କରି ନରନାରୀ ।
ସୁଖ ଦୁଃଖ ସବୁ　　　　ଘଟେ ଘଟେ ରଖି
ଖେଳାଉ ଅଛନ୍ତି ଧରି ॥୩॥
ଅଶେଷ ବ୍ରହ୍ମାଣ୍ଡେ　　　　ପୃଥ୍ୱୀ ନବ ଖଣ୍ଡେ
ଜଣେ ନାହିଁ ତାଙ୍କ ପରି ।
ଦୟାର ସାଗର　　　　ନାମ କୃପାସିନ୍ଧୁ
କୃପାଖେଳୁଛି ଯାହାରି ॥୪॥

●





(୮)

କରୁଅଛି ଜଣେ ସେ ହରି
କେତେବେଳେ କେଉଁରୂପକୁ ଧରି ॥୦॥

ତାର କେହି ନାହିଁ ବଇରୀ
ସକଳସେ ଏକାରେ ହରି
ହରଣ ଗୁଣାଣ　　　　ଫେଡ଼ାଣ ଜାଣଇ
ହରିଣ୍ୟକୁ ଯେହ୍ନେ ଦେଲା ସେ ଚିରି ॥୧॥

ସେହି ଶିବଶକ୍ତି　　　　ସେହି ବ୍ରହ୍ମାମୂର୍ତ୍ତି
ସେହି ସୁଦର୍ଶନ ଚଳାଏ ଧରି
ତିନି ପୁରେ ବାସ　　　　ଜଗତ୍ରକୁ ଆଶ
ହିଂସା ଛାଡ଼ି ପାଦ ଲୋଡ଼ ତାହାରି ॥୨॥

ଏ ଭବ ସଂସାରେ　　　　ଏପାରି ସେପାରି
ଭକତର ସେହି ପ୍ରାଣ ନାଉରୀ
ତା'ବଇରୀ ହେଲେ　　　　ଶିରୀ ତୁଟିଯିବ
କେଡ଼େ କେଡ଼େ ଭକ୍ତ ଗଲେରେ ତ଼ରି ॥୩॥

ଭକତ ଜୀବନ　　　　ଭକତର ଧନ
ରାକ୍ଷସମାନଙ୍କ ପ୍ରାଣ ବଇରୀ
ସେହି ଏକାଜଣେ　　　　ଏହି ଭବ ବଣେ
ଦୈତ୍ୟ ମାନବକୁ ଚଳାଏ ଧରି ॥୪॥

ସତ୍ୟ ଯୁଗେ ମୁନି　　　　ଋଷି ଖେଳୁଥିଲା
ବଦ୍ରିକା ଧାମରେ ବସି ତାହାରି ।
ଯାହାକୁ ଯେମନ୍ତ　　　　ଚଳାଏ ସେ ପ୍ରଭୁ
ଶୂନ୍ୟ ବ୍ରହ୍ମ ଶୂନ୍ୟ ରୂପକୁ ଧରି ॥୫॥

ତ୍ରେତୟା ଯୁଗରେ　　　　ରାମ ଅବତାରେ
ରାବଣକୁ ଦେଲା ଜାଣି ତା'ନାରୀ ।
ଏ ପଟରେ ଫାଶ　　　　ସେପଟରେ ଦାସ
ବାନ୍ଧି ନେଲା ଧରି ମାୟା ଦଉରି ॥୬॥

କିଏ ତାଙ୍କୁ ପାରିବ ଧରି
ମାୟା ରୂପ ଖେଳାଏ କରି ।
ମାୟାଧର ବୋଲି　　　　ତାହାଙ୍କୁ ଡ଼ାକନ୍ତି
ମାୟାରେ ଖେଳାଏ ଏ ତିନି ପୁରୀ ॥୭॥



ଦ୍ୱାପର ଯୁଗରେ ମଥୁରା ଜନମ
ଗୋପେ ବଢ଼ି ଜଗୁଥିଲେ ବାଛୁରୀ
ଅଷ୍ଟ ସଖା ଧରି ଖେଳ ଗୋପପୁରୀ
ଗୋପୀ ମାନଙ୍କର ହେଲେ ନାଉରୀ ॥୮॥

କଳିରେ ବସିଛି ଦାରୁ ଖୋଳ କରି
କିଏ ସେ ବୁଝିବ ତାଙ୍କୁ କିପରି ।
ଦାରୁବ୍ରହ୍ମ ବୋଲି ନାମ ଦେଇଅଛି
ଏବେ ଗ୍ରାମ ନାମ ଶ୍ରୀକ୍ଷେତ୍ର ପୁରୀ ॥୯॥

ଆତ୍ମା ଚଇତନ୍ୟ ନଦିୟାରେ ନାମ
ସଚି ଗର୍ଭେ ଜନ୍ମ ହେଲା ତାଙ୍କରି ।
ବିଷ୍ଣୁପ୍ରିୟା ଛାଡ଼ି ମାୟାରେ ଖେଳିଲେ
ନିଜ ନାମ ନିଜ ମୁଖରେ କରି ॥୧୦॥

ଚାରି ଯୁଗ ସରିବ ଖେଳ
ନାମହେବ ମୋ ଆଦିମୂଳ
ସେହି ବଡ଼ ଦାଣ୍ଡେ ଛତିଶ ପାଟକ
ଖେଳ ଖେଳୁଥିବ ସଙ୍ଗରେ ଧରି ॥୧୧॥

ସରିବ ଦ୍ୱାଦଶ ଜନମ
ଶୂନ୍ୟ ବ୍ରହ୍ମ ହୋଇବ ନାମ
ଗୁପତ ଭାବରେ ଗୋବରୀ ଠାବରେ
ବଟମୂଳେ ନଟ ଶୂନ୍ୟ ବିହାରୀ ॥୧୨॥

ଗୁପ୍ତ ବୃନ୍ଦାବନ ସେ ଧାମ
ଦେବୀ ସ୍ଥାନ ବଦ୍ରିକା ନାମ
ଭକତ ବତ୍ସଳ ନାମ ଆଦିମୂଳ
ଏଇଠାରେ ଖେଳ ଯିବରେ ସରି ॥୧୩॥

ଶେଷକାଳ ତିନି ଲହରୀ
ବାଛୁଥିବ ନିଜେ ସେ ଧରି
ମୋର ଉଦ୍ୟ ବଟ ଖୋଲିବି କବାଟ
ସେତେବେଳେ କେହି ନୁହେଁ କାହାରି ॥୧୪॥

ଲୀଳା ଖେଳା ଯିବରେ ସରି
ଅଣୁଖେଳ ହେବ ମୋହରି
ଏହି ଲୀଳା ବେଳେ ଆମ୍ଭେ ଅନ୍ତରାଳେ
ବିଜ୍ଞାନ ଯନ୍ତ୍ରକୁ ଖେଳିବି ଧରି ॥୧୫॥

●





(୯)

ବେଳ ବୁଡ଼ିଗଲେ ଖେଳ ସରିଯିବ
ଖେଳିବାକୁ ଆଉ ନାହିଁ ।
କେତେ ଖେଳି ଖେଳି କେଉଁ ବାଟେ ଗଲେ
କାହା ରୂପ ଛବି କାହିଁ !!

ଅନ୍ଧାର ଭିତରେ ଆଲୋକ ଖେଳୁଛି
ଅନ୍ଧାର ଆଲୋକ ହୋଇ ।
ଆଲୋକ ଦେଖେନା ଅନ୍ଧାର ରହିଛି
ଆଲୋକ ଦେବ ଲିଭାଇ ॥

କେଉଁ ଆଲୋକରେ ମୂଳକ ଆଲୋକ
ସକଳ ଦେଖିବା ପାଇଁ ।
ସେଇ ଆଲୋକକୁ ଥରେ ତୁଇ ଅନା
ନିଜ ପାଖେ ଅଛି ରହି ॥

ଆଖି ଥିଲେ ସିନା ଆଲୋକ ଦେଖିବୁ
ଅନ୍ଧ କି ପାରଇ ପାଇ ।
ଅନ୍ଧଟି ଅନ୍ଧାର ଆଖିଟି ଆଲୋକ
ପାଖେ ପାଖେ ଦେଖ ଚାହିଁ ॥

ଏଇତ ଅନ୍ଧାର ଏଇତ ଆଲୋକ
ଲିଭିଯାଏ କ୍ଷଣେ ପାଇଁ ।
ମନ ଧ୍ୟାନ ଯୋଗ ରଖ ତାକୁ ଆଗ
ଜ୍ଞାନ ଆଲୋକ ଜଳାଇ ॥

ଅଜ୍ଞାନ ଅନ୍ଧାର ଜ୍ଞାନ ତ ଆଲୋକ
ସକଳ ଦେହର ପାଇଁ ।
ଦେହ ଦେଉଳରେ ଦିଅଁ ରହିଅଛି
ପୂଜାକର ମନ ଦେଇ ॥

ଆସୁଛି ଯାଉଛି ବାରଣ ନୋହୁଛି
ବାର ବାର ଯାଏ ବହି ।
ବାନ୍ଧି ରଖିଲେ ତୁ ସିନ୍ଧୁ ଉଛୁଳିବ
ରଖ ତାକୁ ଧ୍ୟାନ ଦେଇ ॥

ଧ୍ୟାନ ଗଲେ ଜ୍ଞାନ ଶୂନ୍ୟରେ ଆସଇ
ଶୂନ୍ୟ ଶବଦ ଶୁଣାଇ ।
ଶୁଣିଲେ ଶବଦ ଜ୍ଞାନ ତୋର ହେବ
ଅଜ୍ଞାନ ରହିବ ନାହିଁ ॥



ଅଜ୍ଞାନ ଅନ୍ଧାରୁ ତରିବା ପାଇଁକି
ଗୁରୁ ଖୋଜେ ମୋହ ପାଇଁ
ଗୁରୁ ବିନା ଜ୍ଞାନ କେହି ପାଇ ନାହିଁ
ସର୍ବେ ଗଲେ ଅନ୍ଧ ହୋଇ ॥

ଗୁରୁଟି ଆଲୋକ ଶିଷ୍ୟଟି ଅନ୍ଧାର
ଯୁଗେ ଯୁଗେ ଅଛି ରହି ।
ଗୁରୁ ଆଲୋକରେ ଶିଷ୍ୟର ଆଲୋକ
ଯାଆଇ ଆଲୋକ ହୋଇ ।

ଆଲୋକ ଆଲୋକ ଆଲୋକ ମିଶିଲେ
ଅନ୍ଧାର ଦେବା ଲିଭାଇ ॥

●

## (୧୦)

ଭଜମନ ଗୁରୁ ନାମହେଲା ନକର ।
ସରି ଯାଉଛି ବେଳ, ସରି ଯାଉଛି ବେଳ ॥୦॥

ଜପ କର ଯୋଗେ ବସି ଶୂନ୍ୟ ମନ୍ଦିରରେ ପଶି
ନିରାକାର ପୁରୁଷ ସେ ନାହିଁ ଆକାର ॥୧॥

ଯୋଗୀ ଋଷି ମୁନି ବସି ତାଙ୍କୁ ନ ପାରିଲେ ଘୋଷି
ଦୟାହେଲେ ଇଚ୍ଛାରେ ସେ ଖେଳନ୍ତି ଭକ୍ତ ହୃଦର ॥୨॥

ହେଳାରେ ବୁଡ଼ିବ ଭେଳା ଦିନେ ହୋଇବୁ ବାଉଳା
ଅକାମନା ସୂତ୍ରେ ସେଇ ନାମକୁ ଧର ॥୩॥

ଜାଣିଥିଲେ ମାରକଣ୍ଡ ଜାଣିଲେ ତିନି ବ୍ରହ୍ମାଣ୍ଡ
ବଟ ପତ୍ରେ ଭାସୁଥିଲେ ପ୍ରଳୟେ ହେଲେ ଅସ୍ଥିର ॥୪॥

ପଞ୍ଚମନ ବିଭୂତି କି ଯିବା ପାଇଁକର ସାଥୀ
ଷଡ଼ ଅଇରି କି ଛାଡ଼ ଯେବେ ହୋଇବୁ ଉଦ୍ଧାର ॥୫॥

ସପ୍ତାଙ୍ଗ ଯୋଗରେ ବସି ଯୋଗ ସାଧ ଅହର୍ନିଶୀ
ଜପୁଥିବୁ ନାମ ଧରି(୨) ହେବୁ ଉଦ୍ଧାର ॥୬॥

କହଇ ବୃଦ୍ଧିଆ ହୀନ ମାତୃ ଗର୍ଭର ଭଜନ
ଜାଣିଥିଲେ ପଚାରିଲେ ଦେବି ଉତ୍ତର ॥୭॥

●





## (୧୧)

ଭବ ସିନ୍ଧୁ ପାରି ହେବୁରେ ମନୁଆ
ତରେଇକୁ ଠାବ କର ।
ତରେଇ ସାଙ୍ଗରେ ଭାବ ରଖିଥିଲେ
ଭବ ସିନ୍ଧୁ ହେବୁ ପାର ॥

କେତେ ଆସି କେତେ ଗଲେରେ ମନୁଆ
କେହି ନୁହଁନ୍ତି କାହାର ।
କାଳ ଦୁଆରରେ ସର୍ବେ ଭାସିଯିବେ
କିଏ ସାହା ହେବ ତୋର ॥

ମାନବର କଥା ରଖ ତୋର ଚେତା
ଦିନେ ହୋଇବ ଅନ୍ଧାର ।
ଦୀନବନ୍ଧୁ ନାମ ସାଥୀ କରିଥିବୁ
ଏକା ସାହା ହେବେ ତୋର ॥

ଜନମ ଜନମ କେତେ ଯାଇଅଛି
(ତୋ) ଜନମ ହିସାବ କର ।
ଜାତି ଧର୍ମ ନାଶ ଶେଷ କୁଳ ଦାସ
ପାଦେ ସମର୍ପିବୁ ତୋର ॥

ରାଜା ଜମିଦାର ମୂଲିଆ କିଙ୍କର
ଏ ସର୍ବ ଅଟେ ତାଙ୍କର ।
ସେହି ନାମ ଗୋଟି ଜପାମାଳା କରି
ଗଳେ ଲମ୍ବାଇବୁ ତୋର ॥

ତୋତେ ସେ ଦେଖୁଛି ତୁହି ଦେଖୁନାହୁଁ
ଘୋଟିଛି କାଳ ଅନ୍ଧାର ।
ଗୁରୁ ଦୟା କଲେ ଚେତିବୁ ତୁ ଭଲେ
ଏହି ଦୟା ମାତ୍ର ତା'ର ॥

ମୋହ ମାୟା ତୋତେ ଭୁଲାଇ ଦେଲାଣି
ଦେଖି ହେବୁ ତୁ କାତର ।
ତୋହ ଲାଗି ସେହି ଥରକୁ ଥରରେ
ରୂପ ଦଶ ଅବତାର ॥

ଅରୂପରେ ଥାଇ ରୂପରେ ଖେଳଇ
ରୂପ ନାହିଁ ନିରାକାର ।
ସେହି ରୂପ ପାଇଁ ବୁଦ୍ଧିଆ ଖୋଜଇ
ଜାତି କୁଳ ଛାଡ଼ି ତାର ॥

ଦାସ ପଣେ ଦାସ ପ୍ରଭୁ ପାଦ ଆଶ
ଖୋଜୁଥାଏ ନିରନ୍ତର ।
ହେଲେ ଦୟାମୟ ଛାଡ଼ିଯିବ ଭୟ
ଦୟା ଖୋଜୁଛି ମାତର ॥

●



## (୧୨)

ହଜି ଗଲେ ପାଇବୁ ନାହିଁ
ଖୋଜୁଥିବୁ ଆଉ କାହାର ପାଇଁ ।।୦।।

ଯେତେ ଆସିଥିଲେ ସର୍ବେ ହଜିଗଲେ
କାଳ ମୁଖେ କେହି ରହିଲେ ନାହିଁ ।
ଅଢ଼ାଇ ଦିନକୁ ଲୀଳା ଲଗାଇଛି
ଘରେ ଘରେ ସେହି(୨) ଘରଣୀ ହୋଇ ।।୧।।

ସକଳ ଚଳାଏ ଏକା ଜଣେ ଥାଏ
ମୁଁ ବୋଲି କେବେ କହିବୁ ନାହିଁ ।
ଜୀବ ପରମରେ ଖେଳ ଖେଳୁଅଛି
ସବୁ ଘଟେ ଘଟେ(୨) ଏକାସେ ଥାଇ ।।୨।।

ଦି ଦିନ କୁଣିଆଁ ଭଙ୍ଗା ଘରେ ଥାଇ
ଦୁନିଆଁ ଗଢୁଛି ଭକତ ପାଇଁ ।
ଭାବରେ ଭକତ ଭାବେ ଭଗବାନ
ଭାବ ବିନୋଦିଆ(୨) ନାମ ବୋଲାଇ ।।୩।।

ସତ୍ୟ ସରି ଅଛି ତ୍ରେତୟା ସରିଛି
ଦ୍ୱାପରକୁ ଆସିଥିଲା ପଳାଇ ।
(ସେ) ଗୋପରେ ବଢ଼ିଲା ଗୋପାଳେ ଖେଳିଲା
କେହି ଜଣେ ତାକୁ (୨) ଚିହ୍ନିଲେ ନାହିଁ ।।୪।।

ଯୁଗକୁ ଯୁଗ ସେ ଲୀଳା କରୁଥାଏ
ନୀଳମଣୀ ନାମ ନାମ ବୋଲାଇ ।
ନଦିୟାରେ ଜାତ ନାମକୁ ବିଖ୍ୟାତ
ନିଜ ନାମ ନିଜେ (୨) ଗାଇଲେ ତେଇଁ ।।୫।।

କଳି ଶେଷ ବେଳେ ବଡ଼ ଦେଉଳରେ
ଜଗନ୍ନାଥ ନାମ ଥିବ ବୋଲାଇ ।
ଭକତ ଜୀବନ .. ଭକତର ଧନ
ନୀଳାଞ୍ଚଳ ନାଥ(୨) ଥିବେ ଅନାଇ ।।୬।।

ଅଜଣା ଜଗତ୍ରେ ଜଣା ହେବା ପାଇଁ
କାଠ ମଧ୍ୟେ ରୂପ ଅଛି ଲୁଚାଇ ।
ସେହି ନନ୍ଦ ବଳା ମୁଖେ ବୋଲି କଳା
କଳା ଶ୍ରୀମୁଖ ସେ (୨) ଅଛି ଅନାଇ ।।୭।।





ଭକତର ମାତା ପିତା ବନ୍ଧୁଦାତା
ଭକ୍ତ ଲାଗି ଥିଲା ଭକତ ପାଇଁ
ଶ୍ରୀବତ୍ସ ଗୋଇଠା ଲାଗିଲାକି ମିଠା
ତାହା ହୃଦେ ପ୍ରଭୁ ଅଛ ବୁହାଇ ।
ପାଣ୍ଡବଙ୍କ ଲାଗି ପଡ଼ା ମାଗିଗଲ
ଲାଞ୍ଛନା ସହିଲ (୨) ଭକତ ପାଇଁ ।।୮।।

ତିନି ପାଦ ଦାନ ମାଗିନେଲ ପ୍ରଭୁ
(ଆଉ) ବଳି କି ଚାପିଲ ପାତାଳେ ଥୋଇ ।
ଭକତ ବତ୍ସଳ ନାମ ଆଦିମୂଳ
ଦୀନଜନ ବନ୍ଧୁ(୨) ନାମ ବୋଲାଇ ।।୯।।

କହେ ଦୀନ ହୀନ ବୁଦ୍ଧିଆ ଅଜ୍ଞାନ
ହାତଯୋଡ଼ି ଦୁଃଖ ଅଛି ଜଣାଇ
ଏତିକି ମାଗୁଣି ସବୁ ଦିନ ଥିବ
ତୁମେ ପ୍ରଭୁ ମୁହିଁ(୨) ପାଦରେ ରହି ।।୧୦।।

●

## (୧୩)

ଚାରି ଆଡ଼କୁ ବାହୁ ମେଲେଇ
ଡ଼ାକେ ହାତ ଠାର ଦେଇ ।
ଜାତି ଅଜାତି ଯାହାର ନାହିଁ
ସର୍ବେ ତାର ବନ୍ଧୁ ଭାଇ ।।
ଯେତେ ପତର ସେତେ ଭକତ
(ତାଙ୍କ) ଛାୟା ତଳେ ଯାଏ ରହି ।
ସାନ ବଡ଼ ତାଙ୍କ ପାଖରେ ଜଣେ
କାହାକୁ ସେ ଭାବେ ନାହିଁ ।।
ଶୂନ୍ୟ ଠାକୁର ଶୂନ୍ୟ ଖବର
ଶୂନ୍ୟ ବିହାରୀ ସେହି
ଘଟ ଘଟରେ ନଟ ନାଗର
ଖେଳୁଥାଇଁ ଭକ୍ତ ପାଇଁ ।।
କଳପନାକୁ ଡ଼ାଳେ ବାନ୍ଧିଦେ
ବିଚାର କରିବି ମୁହିଁ ।
ତୋମନେ ଥିଲେ ମୋ ମନେ ଅଛି
ଖୋଜିଲେ ପାରୁ ପାଇ ।।



ଭବ ସଂସାର ନାଉରୀ ମୁହିଁ
ପାରି କରିଦେବା ପାଇଁ ।
ହୁଅ ତୁ ସଜ ହେଲାଣି ବେଳ
ପାରି କରି ନେବି ମୁହିଁ ॥
ସକଳ ଲାଗି ନାବିକ ମୁହିଁ
ଆଉ କେହି ଜଣେ ନାହିଁ ।
କାଠ ଆହୁଲା ମୋ ହାତେ ଅଛି
ତୋତେ ମୁଁ ବାହିବା ପାଇଁ(ରେ) ॥
ସତ୍ୟ ତ୍ରେତୟା ଦ୍ୱାପର ଗଲା
ନାଉରୀ ଥିଲି ହୋଇ ।
କଳି ନାଉରୀ ହେବାକୁ ତୋର
ବଟତଳେ ଅଛି ଚାହିଁ (ରେ) ॥
ତୋ ଡ଼ାକ ମୋର କର୍ଣ୍ଣକୁ ଶୁଭେ
ମୋ ଡ଼ାକ ଶୁଭେ ନାହିଁ
ମାୟା ଅନ୍ଧାରେ ଝୁଣ୍ଟି ପଡୁଛି
ଗରବ ଦେହ ବାହି(ରେ) ॥

●

## (୧୪)

ଯିବା ବେଳ ହେଲାଣି ମୋର
ଡ଼େରି ଡ଼େରି ଆଉ କର୍ମ ନକର ॥୦॥

ଥିଲା ଯଉବନ ଚାଲିଗଲା ଆସି
ଜରା ଯଉବନ ହେଲାଣି ସାର ।
ଚାରି ଯଉବନ ଦେହରେ ଖେଳୁଛି
ଜରା ମରା ହେବ ଶେଷ ତୋହର ॥୧॥

ଅଢେଇ ଦିନକୁ ମାନବ ଜନମ
ଖେଳା ଲୀଳା କରେ ନାନା ପ୍ରକାର ।
ଖେଳ ଖେଳାଉଛି ଶୂନ୍ୟରେ ବସିଛି
ସର୍ବେ ଚାହୁଁଛନ୍ତି ରୂପକୁ ତାର ॥୨॥

ଅରୂପରେ ଆସି ରୂପରେ ଖେଳନ୍ତି
ଅରୂପାନନ୍ଦଟି ନାମ ତାଙ୍କର ।
ସର୍ବ ରୂପ ଗଢ଼ି ନାନା ପରକାର
ନାନା ପରକାରେ ଦିଅନ୍ତି ସ୍ୱର ॥୩॥





ଭିନ୍ନ ଭିନ୍ନ ସୁଖ ଗଢ଼ି ରଖୁଥାଇ
ଆକାର ବିକାର ତାଙ୍କ ହସ୍ତର ॥୪॥

ପଶା କାଠିଥିବ ପାଲି ଛିଣ୍ଡିଯିବ
କିଏ ଗଡ଼ାଇବ ଆଉ କାହାର ।
ଛ'ତିନି ଉପରେ ନ'ତିନି ପଡ଼ିବ
(ଆରେ) ଦାନ ଡ଼ାକୁଥିବ କଚେ ବାଆର ॥୫॥

ଏ ବୁଢ଼ିଆ ବସିଛି ବୁଦ୍ଧି ଖେଳାଉଛି
ବୁଦ୍ଧି ନେଉଛନ୍ତି ସାରା ସଂସାର ।
ଦୟାନିଧି ବୁଦ୍ଧି ସେହି ଏକା ସିଦ୍ଧି
ତାଙ୍କ ପାଦେ ଧ୍ୟାନ ସକଳେ କର ॥୬॥

ଉଦୟ ସରିଲେ ଅସ୍ତ ଅଛି ନିଶ୍ଚେ
(ଆଉ) ଉଦୟ ଅସ୍ତକୁ ମନରେ ଧର ॥୭॥

ଜନମ ଜନମ ଅନେକ ଜନମ
ଛତିଶ କୁଳକୁ କଲି ଉଦ୍ଧାର ।
ଆଦ୍ୟରେ ଶୁଦ୍ର ମୁଁ ପ୍ରାନ୍ତରେ ଶୁଦ୍ର ମୁଁ
ପାମର ଅଚ୍ୟୁତ ନାମ ମୋହର ॥୮॥

●

## (୧୫)

ଅଞ୍ଜଳି ଭରିଣ ଫୁଲ ଦେବି ତୋତେ
କାଳିଆରେ ନେଇଯିବୁ ।
ବହୁତ ଦୂରରୁ ଆସିଚି କାଳିଆ
ହସି ପଦେ ତୁ' କହିବୁ ॥୦॥
ମୁହିଁ ଦୀନ ଜନ ତୁହି ଭଗବାନ
ମୋ ମନ ତୁହି ବୁଝିବୁ ।
ତୁହି ନ ବୁଝିଲେ କିଏ ସେ ବୁଝିବ
ମନେ ମାତ୍ର ରଖିଥିବୁ ॥୧॥
ଦେଇ ନାହୁଁ ମୋତେ ନେବା ପାଇଁ ଯେତେ
କହିଲେ କାହୁଁ ପାଇବୁ ॥୨॥
ଫଳଟିଏ ଦବା ପାଇଁ ବଳ ନାହିଁ
ଦେଲେ କାହୁଁ ବା ଖାଇବୁ ॥୩॥



ତୋ'ଛଡ଼ା ତୁଳସୀ ଦିନରାତି ଆଶା
ନିରାଶ ତୁ ନ କରିବୁ ।
କହି ସିଂହ ଦ୍ୱାରେ ଫେରାଦ ଯାଉଛି
ଥରେ ମାତ୍ର ଅନାଇବୁ ॥୩॥
ତୋ' ଭକତ ଧୂଳି ଅଙ୍ଗେ ହୁଏ ବୋଳି
ସତ୍ୟ ଜ୍ଞାନ ଦେଖାଇବୁ ।
ଅସତ୍ୟ ଅନ୍ୟାୟ ନ ରହିବ ମୋର
ପାଦତଳେ ଠାବ ଦେବୁ ॥୪॥

●

## (୧୬)

ମନୁଆ.......
ମାଟି ପାଣିରେ ଗଢ଼ାରେ
ମାଟି ପାଣିରେ ଗଢ଼ା
ନର ଶରୀର ନିଃଶ୍ୱାସ ଗଲେ
କହିବେ ତାକୁ ମଡ଼ାରେ
ମାଟି ପାଣିରେ ଗଢ଼ା ॥୦॥
କେତେବେଳେ ଭଙ୍ଗା ପଡୁଛି ନଈ
କେତେବେଳେ ମାରେ ଲହଡ଼ା
ମାଟି ପାଣିରେ ଗଢ଼ା ॥୧॥
ସେପାରି ଖୋଳି ଏପାରି ପୋତେ
ଖସି ପଡ଼ଇ ଅତଡ଼ାରେ
ମାଟି ପାଣିରେ ଗଢ଼ା ॥୨॥
ଦମ୍ଭ ଦୁନିଆଁକୁ ଭାବନା ତୁହି
ଲୋଡ଼ାରେ ଛ'ଖଣ୍ଡ ତଡ଼ା
ଛଡ଼ା ସଂସାରେ ବାୟା ହେଲାଣି
ଦିନେ ତୁ ହେବୁ ମଡ଼ାରେ
ମାଟି ପାଣିରେ ଗଢ଼ା ॥୩॥
ମୋହ ମାୟା ସବୁ ଅନ୍ଧ କରିଦିଏ
ସବୁ ଦେଖି ଦୂରଛଡ଼ା
ଝୁଣ୍ଟି ପଡ଼ିଲେ ଯିବ ତୋ'ପ୍ରାଣ
କାହା ପାଇଁ ଲୋଡ଼ା ତଡ଼ାରେ
ମାଟି ପାଣିରେ ଗଢ଼ା ॥୪॥





ଭାଇ ବନ୍ଧୁ ତୋ' ମଇତ୍ର ଭାବ
କେତେ ହୁଅନ୍ତି ଅଭଡ଼ା
ଅଳପ ଦିନକୁ ଆସିଛୁ ମନୁଆ
କେତେ କରୁ ରଙ୍ଗ କ୍ରୀଡ଼ାରେ
ମାଟି ପାଣିରେ ଗଢ଼ା ॥୫॥
ଆଗପଛ ହୋଇ ଚାଲିଛି ଲୀଳା
ଖସଇ ତଳ ବରଡ଼ା
ଉପର କହେ ପଛେ ମୁଁ ଯିବି
ସଙ୍ଗେ ଯିବା ନାହିଁ ଲୋଡ଼ାରେ...
ମାଟି ପାଣିରେ ଗଢ଼ା ॥୬॥
କେତେ ଯତନରେ ଫୁଟାଇଅଛି
ଧନ୍ୟ ତା'ର ଏ ପାଖୁଡ଼ା
ସଜେଇ ରଖିଛି ମଜା କରିବ
ସେଇ ସବୁରି ଲୋଡ଼ାରେ
ମାଟି ପାଣିରେ ଗଢ଼ା.. ॥୭॥
ଭଲା ବିନ୍ଧାଣୀ ଖଞ୍ଜିଛି ତାକୁ
ସବୁରେ ଯୋଡ଼ା ଯୋଡ଼ା
ପିଣ୍ଡ ବ୍ରହ୍ମାଣ୍ଡ ଗଢ଼ିଛି ସେହି
ତାକୁ କେହି ନାହିଁ ଛଡ଼ାରେ
ମାଟି ପାଣିରେ ଗଢ଼ା ॥୮॥
କାହୁଁ ସେ ରଙ୍ଗ କେତେ ଆଣିଛି
ଦେଖ ତା' ଖେଳ ସଜଡ଼ା
ଧରି ରଖିଛି ଉଦ୍ୟାନ ଭରି
କେତେ କିଏ କରେ ତୋଡ଼ା
ମାଟି ପାଣିରେ ଗଢ଼ା ॥୯॥
ଆଜି ଯେ ମହା ସମରଥ ପଣ
କାଲି ସେ ହେବ ବୁଢ଼ା
ଗାଁ ଶମଶାନ ଅନାଇଁ ବସିଛି
ହେବ ତୋ' ଜୁଇ ସଜଡ଼ା
ମାଟି ପାଣିରେ ଗଢ଼ା ॥୧୦॥
ହରି ନାମ ନିତି ଭଜୁଥା ବସି
ଛାଡ଼ ଦଉଡ଼ ତୋ ବିଡ଼ା
ତୋ ପାଇଁ ତୁହି ପଥ ସଜାଡ଼େ
ଭୁଲି ଯାଆ ହାତୀ ଘୋଡ଼ା
ମାଟି ପାଣିରେ ଗଢ଼ା ॥୧୧॥

●



## (୧୭)

ମରଣ ଦିଅହେ ଶରଣ ଦିଅନା
ସହି ପାରିବିନି ହରି ।
ସହି ସହି ଦୁଃଖ ପଥର ହେଲାଣି
ରୋଗରେ ଯାଉଛି ସରି ॥୦॥

ଆହେ ବୈଦ୍ୟନାଥ ମୁହିଁ ତ ଅନାଥ
ଦୀନବନ୍ଧୁ ଦଇତାରୀ ।
ଦୀନ ହୀନ ଜନ ଡ଼ାକ ନ ଶୁଣିଲ
ଅକାଳରେ ଗଲି ସରି ॥୧॥

ରଖ ବା ନ ରଖ ମୋ ପାଙ୍କଜ ମୁଖ
ମୁଁ ହୀନ ଦାସ ତୁମରି ।
ତୁମ ପାଦ ବିନା କେହି ନାହିଁ ଚିହ୍ନା
ଡ଼ାକିବାକୁ ନାମ ଧରି ॥୨॥

ବେଳୁ ବେଳ ଦୁଃଖ ହେଲାଣି ଅଧିକ
ଡ଼ାକ ନ ଶୁଣ ମୋହରି ।
ତୁମ୍ଭଙ୍କୁ ସମର୍ପି ତୁମ୍ଭ ଧନ ଦେଇ
ମୁହିଁ ଯିବି ଅପସରି ॥୩॥

କଳଙ୍କ ପସରା କାହିଁକି ଦେଇଛ
ଗଳାରେ ମୋ ମାଳ ଭରି ।
ଅସତ୍ୟ ଦୁନିଆଁ ନିଆଁ ଜଳିଯାଏ
ତୁମ୍ଭେ ଦେଖ ନେତ୍ର ଭରି ॥୪॥

ଭଲ ମନ୍ଦ ଦାତା ତୁମ୍ଭେ ହିଁ ଦେବତା
ଏ ଦାସ ପାଦେ ତୁମ୍ଭରି ।
ଆରତ ନାଶନ ବାନା ଉଡୁଅଛି
(ପ୍ରଭୁ) ଦେଖୁଛନ୍ତି ତିନି ପୁରୀ ॥୫॥

ତୁମ୍ଭରି ହୋଇଲେ ଦୟା ସାଗରହେ
ଦୟାରେ କରିବ ପାରି ।
ନିର୍ଦ୍ଦୟ ହୋଇଲେ କାହାକୁ କହିବି
କେହି ନାହାନ୍ତି ମୋହରି ॥୬॥





ଆସ ଥରେ ଆସ ଆହେ ପୀତବାସ
ଦର୍ଶନ ଦିଅ ତୋହରି ।
ଦରଶନ ପାଇଁ ଅନାଇଁ ବସିଛି
(ପ୍ରଭୁ) ଦିନ ଦିନ ଯାଏ ସରି ॥୭॥

ଭାବ ବିନୋଦିଆ ଡ଼ାକଇ ବୁଦ୍ଧିଆ
ବସିଛି ଚାହିଁ ଗୋବରୀ
(ତୋ) ଗୋବରୀ ଜଳରୁ ଢ଼ୋକେ ପିଇଦେଲେ
ତୃଷା ମୋର ଯିବ ହରି ॥୮॥

●

## (୧୮)

ଗଲାବେଳେ କାଳିଆ ତୋ'ନାମକୁ ନେବି
ତୋହରି ଭଜନ ଗାଇ ପ୍ରାଣ ଛାଡ଼ିବି ॥୦॥
ତୁଳସୀକି ପାଉଥିବି ତୋର ନାମ ଗାଉଥିବି
ତୋ' ବଡ଼ଦାଣ୍ଡରେ ମୁହିଁ ଥରେ ଗଡ଼ିବି
ସିଂହଦ୍ୱାରେ ଛିଡ଼ାହୋଇ ଦୁଃଖ ଜଣାଇବି ମୁହିଁ
ନୀଳାଞ୍ଚଳ ନୀଳଚକ୍ର ଦେଖୁଣଥିବି ॥୧॥
ମନା କରିବୁନି ମୋତେ ଡ଼ାକୁଥିବି ଜଗନ୍ନାଥେ
ତୋ'ଛଡ଼ା ତୁଳସୀ ପାଇ ଶାନ୍ତି ହୋଇବି
ସିଂହାସନେ ଥିବୁ ବସି ଦେଖିଲେ ତୁ ଦେବୁ ହସି
(ତୋ) ଆନନ୍ଦ ବଜାର ବୁଲି ମାଗି ଖାଇବି ॥୨॥
ମାଗି ଖାଇବି ଅଭଡ଼ା ଆନ କିଛି ନାହିଁ ଲୋଡ଼ା
ବରଷକେ ଥରେ ତତେ ଦାଣ୍ଡେ ଦେଖିବି
ଟାଣିବି ରଥ ଦଉଡ଼ା ଆନ କିଛି ନାହିଁ ଲୋଡ଼ା
ଜୟେ ଜଗନ୍ନାଥ ବୋଲି ନାମ ଗାଇବି ॥୩॥
ନବ ଦିନ ତୋ'ଯାତରା ଦେଖିବି ନୟନେ ପରା
ତୋ'ଶରଧା ବାଲିରେ ମୁଁ ଥରେ ଗଡ଼ିବି
ତୁ'ମୋର ବଡ଼ଠାକୁର ମୁଁ ତୋର କିଣା ଚାକର
ଯୁଗେ ଯୁଗେ ଡ଼ାକୁଥିବି ଚାକର ହେବି ॥୪॥

●



## (୧୯)

ସରି ଯାଉଛି ଦିନ
କେତେବେଳେ ଦେଖିବି ତୋ'
ଚକା ନୟନ।
ଚକା ଚକା ଆଖି ଗୋଟି ମୋହିଲା ମନ
ଦେଖିଲେ ନଛାଡ଼େ ମୋର
(ତୁ) ଜୀବଜୀବନ ॥୦॥

ସବୁରି ମନ ବୁଝିଲୁ
ମୋର ମନ ନ ବୁଝିଲୁ
ଥରେ ଶୁଣା ଦ୍ୱାପରର
ତୋ'ବଂଶୀସ୍ୱନ... ॥୧॥

ପରକରି ଦେବୁ ନାହିଁ
ଦିନ ରାତି ଅଛି ଚାହିଁ
ଭକତ ଜନର ତୁ'
ଜୀବ ଜୀବନ... ॥୨॥

ମାଗୁ ନାହିଁ ଧନ ଜନ
ହେବା ପାଇଁ ମହାଜନ
ତୋ' ନୟନ ଦେଖି ମୋର
ଯାଉ ଜୀବନ... ॥୩॥

ତୋର ବଡ଼ଦାଣ୍ଡ ମୋର
ହୋଇବ ଘର
ତୁହି ଏକା ସିନା ମୋର
ବଡ଼ ଠାକୁର
ଦିନ ରାତି ତୋର ପଦେ
ରହୁ ମୋ ମନ... ॥୪॥

●





## (୨୦)

ସରଳ ପଥରେ ଜଟିଳ କରନା
ସରଳକୁ କର ଆଶା ।
ସରଳ ରହିଲେ ସକଳ ରହିବ
ମିଳିବ ତୋତେ ଭରସା ॥୦॥

ଅନ୍ୟାୟ କରିଲେ ଅକାଳେ ମରିବୁ
ରହିବନି ତୋର ଆଶା ।
ସତ୍ୟ ପଥେ ଚଳ ଅସତ୍ୟକୁ ଛାଡ଼
ହେବ ତୋ ପ୍ରାଣେ ଭରସା ॥୧॥

ଭବ ସଂସାରର ନାଉରୀ ସେହିରେ
ଆଉ କେହି ନାହିଁ ଆଶା ।
ଆଶା ସଂସାରରେ ତାହାରି ପାଦରେ
ସର୍ବଦା ରଖ ଭରସା ॥୨॥

ମୁଁ ମୁଁ ବୋଲି କିଛି କାହିଁ ନାହିଁ
ମୁଁ ଟି ପାପର ନିଶା ।
ଯେତେ ଖାଉଥିଲେ ସେତେ ନିଶା ହେବ
ମରିବାଟି ଶେଷ ଆଶା ॥୩॥

ତରି ପାରିବୁନି ମିଛରେ କାହିଁତୋ'
କଂସ ହିରଣ୍ୟର ଦଶା ।
ରାମ ଆଦି କରି ସର୍ବେ ଚାଲିଗଲେ
ସକଳ ସତ୍ୟ ଭରସା ॥୪॥

●

## (୨୧)

ରଣ ମରଣ ଛାର ଜନ ପାଇଁ ।
ମଲେ ରଖି ପାରିବେନି ରେ କେହି ॥

ଆମ୍ବ ବଉଳ ପାଚିବାର ଯାଏ ।
ଅବା ବଞ୍ଚଣ ରହଇ ଥୋକାଏ ॥

କାହା ମରିବା ହିସାବରେ ନାହିଁ ।
ସୁଖେ ଇଚ୍ଛାରେ ନିଅଇ ଉଠାଇ ॥

●



## (୨୨)

ଧର୍ମ ଏକା ଦୁନିଆଁରେ ଗଣିବାକୁ ନାହିଁ ।
ସମସ୍ତଙ୍କୁ ଜଣେ ଜଣେ ଶୂନ୍ୟ ମାର୍ଗେ ଥାଇ ହେ ॥

କେହି ଜଣେ କାହା ଭଳି ସମାନ ନୁହଁଇ ।
ଗୋରା କଳା ଶ୍ୟାମଳକୁ ଗଢୁଥାଏ ସେହି ॥

ସତ୍ୟ ଅଛି ମିଛ ଅଛି
ନ୍ୟାୟ ଅଛି ରହି ।
ସତ୍ୟ ମିଛ ନ ରହିଲେ
ନ୍ୟାୟ ହେବ କାହିଁ !!

ଅନ୍ଧାର ରହିଛି ଯେଣୁ ଆଲୋକ ଯେ ଥାଇ ।
ପାପ ରହିଅଛି ଯେଣୁ ପୁଣ୍ୟ ସଙ୍ଗେ ଥାଇ ॥

ଗ୍ରହଦଶା ପଡିଲେ ସେ ପୁଣ୍ୟ କରେ ସେହି ।
ଆସୁଛି ଯାଉଛି ତାକୁ ରଖି ନ ପାରଇ ॥

ସେହି ଚାଲିଗଲେ ଏହି ପଡ଼ିବଟି ଦେହୀ ।
ଅନେକ ଦିନକୁ ଦିନ ବଢୁଥାଏ ସେହି ॥

ଭାଙ୍ଗିଲା ବେଳରେ ତାକୁ ନିମିଷ ଲାଗଇ ।
ରାଜା ମନ୍ତ୍ରୀ କଟୁଆଳ କରିଅଛି ସେହି ॥

ବିଚାର ନିକିତି ଅଛି ତାର ହସ୍ତେ ରହି ।
ଯିଏ ଯାହା କରୁଥାଏ ମୁହିଁ କରେ ସେହି ॥

ମୋହ କରିବାରେ ଦୁବ ଘାସ ହଲୁ ନାହିଁ ।
ତାହା କରିବାରେ ମେରୁ ଓପାଡ଼ି ପକାଇ ॥

ସେହି ଏକା ଜଣେ ଆଉ ଦ୍ୱିତୀୟ ଯେ ନାହିଁ ।
ଆଦିତ୍ୟ ନାମରେ ନାମ ବସିଛି ବୋଲାଇ ॥

ସୁଖ ଥିଲେ ଦୁଃଖ ଅଛି ଦୁଃଖ ଥିଲେ ଥାଇ ।
ସୁଖ ବେଳେ ଜନ ବହୁ ପାପ ଯେ କରଇ ॥

ଦୁଃଖ ବେଳେ ଜନ ବହୁ ଅନୁତାପ ହୋଇ ।
ଦୁଃଖଟି ଶିଖାଏ ଭଲ ସୁଖ ନ ଶିଖାଇ ॥

ଭଲ କରି ମାଡ଼ ଦିଏ ଡ଼ାକି ହାକି ନେଇ ॥

ମରଣ ବେଳରେ ସାଥୀ ହେବ କେଉଁ ଭାଇ ।
ସିଏ କୋଟରେ ସେଠି ଜାମିନି ନ ଥାଇ ॥
ନୋଓଟ ସେ କୋଓଟ ରେ ଲୋଡ଼ା ଯେ ନୁହଁଇ ॥





ସତ୍ୟ କରିଥିଲେ ସତ୍ୟ ବାଟ ଥିବୁ ପାଇ ।
ଅସତ୍ୟ କରିଲେ ସାହା ହେବେ ନାହିଁ କେହି ॥

ଧନ ବଳ କର୍ମ ବଳ ଜନ ବଳ ଏହି ।
ଏକା ବଳ ବିଶ୍ୱକର୍ତ୍ତା ବିଶ୍ୱଭକ୍ତ ପାଇଁ ॥

ବିଶ୍ୱାସରେ ଉଶ୍ୱାସ କରଇ ପ୍ରାଣୀ ଦେହୀ ।
ଅବିଶ୍ୱାସ କଲେ ପ୍ରାଣୀ ବୁଡ଼ି ଯେ ମରଇ ॥

ସତ୍ୟ ଧର୍ମ ନ୍ୟାୟ କର୍ମ ନିତି କରୁଥିବୁ ।
ଅସତ୍ୟ କରିଣ କେଣେ ଆଗେଇ ନ ଯିବୁ ॥
ସର୍ବେ ଭାଗ ନେବେ ଧନ ଆଦି ଯେତେ ତୋର ।
ପାପ ଭାଗ ନେବେ ନାହିଁ ବଡ଼ ହୁସିଆର ॥

ଯମଦଣ୍ଡ ପୁଲିସି ଯେ ଥାନାରେ ପୁରାଇ ।
ଖୋବା ଖୋବି କରିଦିଏ ମାନିବାର ପାଇଁ ॥

ଅନେକ ଗାଲୁଆଛନ୍ତି ମାଡ଼ ଯଦି ହବ ।
ବେଶୀ ମାଡ଼ ବସିଲେ ନିଶ୍ୱାସ ବନ୍ଦ କରିଦେବ ॥

ପୁଲିସି ଜୀବନ ଯନ୍ତା ରାକ୍ଷସଙ୍କ ବାଡ଼ ।
ଯେତେ ଉପାୟ କରିଲେ ନ ଥାଏ ଉଦ୍ଧାର ॥

ମନାଇବା ପାଇଁ ମାନି ଧର୍ମ କଲେ ସାଥୀ ।
ଧର୍ମ ବାଟେ ଚାଲୁଥିଲେ ନ ଆସେ ବିପତ୍ତି ॥

ଅଧର୍ମର ଦୀପ ଅଳ୍ପ ଦିନେ ଯାଏ ସରି ।
ସତ୍ୟ ଦୀପ ଜଳୁଥାଏ ଯୁଗଯୁଗ ଧରି ॥

କଳି ଯୁଗ ଅସତ୍ୟରେ ଅଳ୍ପ ଦିନ ଥିବ ।
ବାଆସ୍ତରୀ ହାତ ଉଚ୍ଚା ଢୁଆର ଉଠିବ ॥

ବୁଡ଼ାଇ ମାରିବ ସେହି ଅବିଶ୍ୱାସ ପାଇଁ ।
ଆଖି ନାକ କାନ ଆଗ ଦେବ ସେ ଫୁଟାଇ ॥

ଭେଳା ଭେଳା ଭାସୁଥିବେ ଘରେ ଘରେ ଜନ ।
ଶଙ୍କା କହିଅଛି ବୋଲି ଭାବୁଥିବ ମନ ॥

ମୋହର ବୋଲିଣ କିଛି ମୁହିଁ ନ କହିବି ।
ତୋହର ବୋଲିଣ ସବୁ ସମର୍ପି ମୁଁ ଯିବି ॥

ତୋହ କଥା ସତ୍ୟ ହେବ ଯୁଗ ଯୁଗ ପାଇଁ ।
ଆଗରେ ନମାନି ପଛେ ମାନୁଥିବେ ଏହି ॥

ମୋହ କହିବାରେ ପ୍ରଭୁ କିଛି ଯେ ନୁହଁଇ ।
ତୋର ଆଜ୍ଞା ବାହୁଅଛି ଶିର ମଧ୍ୟେ ଥୋଇ ॥

●

## (୨୩)



କିଏ ଫୁଟୁଛି ମର୍ତ୍ତ୍ୟରେ
କିଏ ଫୁଟୁଛି ପାଣିରେ
କିଏ ଫୁଟୁଛି ସ୍ୱର୍ଗପୁରେ
ଅତି ସୁନ୍ଦର ଠାଣିରେ ॥୦॥

କାହାକୁ ମୂଲିଆ      ଚାକର କରିଛି
କାହାକୁ କରିଛି ରାଣୀରେ ॥୧॥

କେତେ ଏ ଫୁଲ      ଜଗତ୍ରେ ଅଛି
ଭ୍ରମର ଭାଙ୍ଗେ ବାହାଣିରେ ॥୨॥

ଗୁଞ୍ଜନ ସ୍ୱର      ହରଇମନ
ସବୁକୁ ନିଏ ଟାଣିରେ ॥୩॥

ମଣିଷ ଶରୀର      ଦେବତା ଖେଳ
ଜାଣି ନ ପାରେ ପ୍ରାଣୀରେ ।୪॥

ଗୁରୁସିନା ଜାଣେ      ଶିଷ୍ୟ ଉକତି
ସବୁଜାଣେ ବଂଶୀପାଣି ।
ସକଳ ଘଟେ      କରୁଚି ନାଟ
ଯିବାକୁ ବେଳ ହେଲାଣି ।
ଜଳ ପବନ      ଲାଗି ଏ ଦେହ
ଗୁପତେ ଖେଳୁଛି ଆଣିରେ ॥୫॥

ତା'ନାମ ନିତି      ଭାବ କରିବୁ
ତା'ର ନାମ ବେଣୁପାଣିରେ ॥୬॥

ହଂସ ହେବାକୁ      ତୋ'ମନ ଭାବ
ଜାଣିବୁ ଯୀର ପାଣିରେ ॥୭॥

ଭାବ ବିନୋଦିଆ      ଭାବରେ ଭାସିଯା
ଦେଖାନା କେତେ ଠାଣିରେ ॥୮॥



## (୨୪)



ଠାକୁର ମୋ ଭାରି ଚାଲାଖି, ସେ ଭାରି ଚାଲାଖି
ବଡ଼ ବଡ଼ ତାଙ୍କ ଦିଓଟି ଆଖି ॥୦॥

ଚୋରକୁ ଦେଖଇ      ସାଧୁକୁ ଦେଖଇ
ପ୍ରହଲ୍ଲାଦକୁ ସେ ପାରିଲା ରଖି ।
ସ୍ତମ୍ଭରୁ ଓହ୍ଲାଇ      ହରିଣ୍ୟ ମାରିଲା
ଆସ ପ୍ରହଲ୍ଲାଦ ନେଲାସେ ଡ଼ାକି ॥୧॥

ପରମ ଦୟାଳୁ      ପରମ ଠାକୁର
ଦୁଃଖୀ ଲୋକଙ୍କର ଜୀବନ ସାକ୍ଷୀ ।
ଦୂରରୁ ଡ଼ାକିଲେ      ପାଖକୁ ଆସନ୍ତି
ବିପଦରୁ ଭକ୍ତ ପାରନ୍ତି ରଖି ॥୨॥

ପଥର ଖଣ୍ଡିକୁ      ପ୍ରାଣ ଦେଇ କ୍ଷଣେ
ଅହଲ୍ୟା ବୋଲିଣ ପାରିଲେ ଡ଼ାକି ।
ସେ ପ୍ରଭୁ ଚରଣ      ନିତି ଖୋଜୁଥାଏ
ସେଇ ପାଦ ଲାଗି ଭକତ ଦୁଃଖୀ ॥୩॥

ଦ୍ୱାପର ଯୁଗରେ      କୁବୁଜା ନାମରେ
ଫୁଲ ଦେଇଥିଲା ଦେଲ ସଲଖି ।
ତ୍ରିପୁର ସୁନ୍ଦରୀ      ନିଜେ କରିଦେଲ(ପ୍ରଭୁ)
ନ ଦେଖିଲା ଲୋକ ପାରିଲେ ଦେଖି ॥୪॥

ନଦୀୟା ନବରେ      ଶଚୀର ଗର୍ଭରେ
ଚଇତନ ରୂପରେ ରୂପ ଉପେକ୍ଷି ।
ଜଗାଇ ମାଧାଇ      ମଦୁଆ ତାରିଲ
ପଞ୍ଚରତ୍ନ ସଙ୍ଗେ ନାଚିଲ ଡ଼ାକି ॥୫॥

ପରମ ଦୟାଳୁ      ସୁନ୍ଦର ପୁରୁଷ
ସଦାବେଳେ ତୁମେ ନାଚିଲ ଟେକି ।
ଉର୍ଦ୍ଧ୍ୱ ମୁଖ ହୋଇ      ନିଜ ନାମ ଗାଇ
ଶିଖାଇଲ ନାମ ଭକ୍ତକୁ ଡ଼ାକି ॥୬॥

ଏକଳି ଯୁଗରେ      ନୀଳାଞ୍ଚଳେ ବସି
ଦାସିଆ ନଡ଼ିଆ ଦେଇଚ ଚାଖି
ବନ୍ଧୁଆ ବନ୍ଧୁକୁ      ପେଜନଳା ଆଣି
ଆପେ ନ ଖାଇଣ ଦେଇଚ ଦେଖି ॥୭॥



ପଞ୍ଚସଖା ସଙ୍ଗେ          ଖେଳି ନାନା ରଙ୍ଗେ
ପଞ୍ଚମନ୍ତ୍ର ବାଣ୍ଟି ଦେଇଛ ଡ଼ାକି ।
ଅଚ୍ୟୁତ ଅଧମ          ଖୁମାଣିଆ ପଣେ
ପାଦେ ବେନି ଆଖି ଦେଲା ସଲଖି ॥୮॥

ଧନ ଜନ କୋଠା          ମାଗୁ ନାହିଁ ପ୍ରଭୁ
ଯୁଗେ ଯୁଗେ ମୁହିଁ ହୋଇବି ଦୁଃଖୀ ।
ତୁମେ ବଟେ ଥିବ          ମୁଁ ତଳେ ଥିବି
ସତେ ପାରିବି ତୋ ଆଖିକି ଦେଖି ॥୯॥

ନ ଦେଖିଲେ ତୋର          ଓହଳରେ ବାନ୍ଧି
(ମୋ) ଜୀବନ ଟାକୁ ମୁଁ ବାନ୍ଧିବି ରଖି ॥୧୦॥

ଏହି ଅପରାଧ          କିଏ ପ୍ରଭୁ ନେବ
ଦଶ ଦିଗ ଡ଼ାକି ଦେଲି ମୁଁ ସାକ୍ଷୀ ।
ଅଧମ ବୁଦ୍ଧିଆ          ବୁଦ୍ଧିଜ୍ଞାନ ନାହିଁ
ଭକତ ଲାଗି ମୁଁ ହେଉଛି ଦୁଃଖୀ ॥୧୧॥

●

## (୨୫)

ଚାରି ଆଡ଼େ ବଟ ଡ଼ାଳ ମେଲି ଯାଇଛି
ଆସ ଆସ ବୋଲି ଭକ୍ତ ଡ଼ାକ ଦେଉଛି ॥୦॥

ଯାହାର ହେଲା ବିଶ୍ୱାସ
ତା'ଦୁଃଖ ହେଲା ଉଶ୍ୱାସ
ସ୍ୱପ୍ନରେ ତାକୁ ଚେତା ଦଉଚି ॥୧॥

ସେ ବଟ ମହିମା ଭାରି
କିଏ ସେ ପାରିବ ଧରି
ଛାୟା ତଳେ ବାୟା ବସି ଯାଉଛି ॥୨॥

ସତ୍ୟର ସେ ଶ୍ୱେତବଟ
ପାପୀକୁ କରେ ଆକଟ
ହୁସିଆରି ହୁସିଆରି ସଦା କରୁଛି ॥୩॥

ଚାରିଦିଗ ଚାରିବେଦ
ପ୍ରାଣୀର ହରଇ ଖେଦ
ବିନା ଓଷଦରେ ରୋଗୀ ଭଲ ହେଉଛି ॥୪॥





ମାଗୁ ନାହିଁ ଭୋଗ ବାନା
ଶୂନ୍ୟକୁ କର କାମନା
ନିରାକାର ଅଚ୍ୟୁତ ସେ ବଟେ ରହିଛି ॥୫॥

ଅଚ୍ୟୁତ ନାବିକ ହୋଇ
ନାବ ନେଉଛି ବୁହାଇ
ନାବରେ ବସାଇ ଭକ୍ତ ପାରି କରୁଛି ॥୬॥

ପୁରାତନ ଭାଙ୍ଗିଦେଲା
ନୂତନ ସେହି ଗଢ଼ିଲା
ଦେଖିଲେ ଆଖିରେ ଥରେ ଭକ୍ତ ଜାଣୁଛି ॥୭

ଯାହାର ମହିମା ସୀମା
ଭାଙ୍ଗଇ ପାପୀ ଗାରିମା
ପାପ ନାଶ କରି ସେଇ ପୁଣ୍ୟ ଦେଉଛି ॥୮॥

ମାନିଲେ ସେହି ଦେବତା
ପ୍ରାଣୀଙ୍କି କୁହଇ କଥା
ପ୍ରାଣୀ କଳପଣା ସୂତା ବାନ୍ଧି ଦେଉଛି ॥୯॥

ରଖିଲେ ତୋ'ମନ ଧ୍ୟାନ
ନିଶ୍ଚୟ ହୋଇବ ପୂର୍ଣ୍ଣ
ସତ୍ୟ ସନାତନ ବାନା ତାଙ୍କ ଉଡୁଛି ॥୧୦॥

ଗଞ୍ଜେଇ ପତାକା ଲୋଡ଼ା
ମାଗୁ ନାହିଁ ହାତୀ ଘୋଡ଼ା
କାମନା ପୂର୍ଣ୍ଣ ହୋଇଲେ ଭକ୍ତ ଦେଉଛି ॥୧୧॥

କଳିରେ ଯେତେକ ବଟ
ସତ୍ୟ ଅଚ୍ୟୁତ ନିରାଟ
ସେହି ବଟ ଡାଳ ଆଜି ତଳେ ଲାଗୁଛି ॥୧୨॥

ଜମ୍ବୁ ଦ୍ୱୀପ ପୂର୍ବଭାଗ
ଗୋବରୀ କୂଳରେ ଠାବ
ପଞ୍ଚସଖା ନାମେ ଆଜି ଲୀଳା ଲାଗିଛି ॥୧୩॥

ନାମ ଯାର ଅରକ୍ଷିତ
କଳିରେ ସେ ପରିଚିତ
ଦେବା ପାଇଁ ଭକ୍ତ ସଙ୍ଗେ ଲୀଳା କରୁଛି ॥୧୪॥

ସବୁ ବଟ ନାଲି ଫଳ
ଏଇତ ଧଳା କେବଳ
ଥରେ ଦରଶନ କଲେ ମୋକ୍ଷ ହେଉଛି ॥୧୫॥



ଯିଏ ତାଙ୍କ ଭକ୍ତ ଥିବ
ଶୁଣିଲେ ନିଶ୍ଚେ ଆସିବ
ଦରଶନ କଲେ ବାଞ୍ଛା ପୂର୍ଣ୍ଣ ହେଉଛି ॥୧୬॥

କେହି କରୁ ନାହିଁ ଜନ
ବୁଝେ ବଟ ସର୍ବମନ
କାମନା ବଟ ରୂପରେ ନାମ ହୋଇଛି ॥୧୭॥

ଏତିକି କହିଲି ଭାଷା
ପ୍ରଭୁ ପଦେ ରହୁ ଆଶା
ଦୋଷ ଥିଲେ ଦୀନ ହୀନ ପାଦେ ପଡୁଛି ॥୧୮॥

ଦାସ ପଣେ ହୀନ ଦାସ
ପ୍ରଭୁ ପଦେ କର ଆଶ
ପ୍ରଭୁ ଶ୍ରୀ ଚରଣ ସଦା ଆଶା ଲୋଡୁଛି ॥୧୯॥

●

(୨୬)

କେବେ ଆସିବ    କୋଳେ ବସିବ
ଅଭାଗା ମନକୁ ତୋଷିବ ।
ସବୁରି ଆନନ୍ଦ    ଦବାପାଇଁ ତୁମେ
ସବୁରି ମନରେ ମିଶିବ ॥୦॥

ତୁମ ଛଡ଼ା ଆନ    ନାହିଁ ଏ ଜଗତ
କିଏ ସେ ବୁଝିବ    ମନ ବା ଭକତ
ଆଶାର ଆଶାକୁ    ମେଣ୍ଟାଇବା ପାଇଁ
ଆନନ୍ଦରେ ଥରେ ହସିବ ॥୧॥

ବୃକ୍ଷଲତା ଜୀବ    ଜଗତ୍ର ଯାହାର
ସବୁରି ଭିତରେ    କରେ ଯେ ଆହାର
ତାଙ୍କରି ଆନନ୍ଦ    ମିଳିବା ପାଇଁକି
କିଏ ଆଉ ମନ ତୋଷିବ ॥୨॥

ନାନା ରଙ୍ଗ କରି    ଗଢ଼ିଛ ଜଗତ୍ର
ନାନା ସୁର ଦେଇ    ବୋହାଉଛ ଗୀତ
ନାନା ପରକାର    ବାଜାକୁ ବଜାଇ
ଅଙ୍ଗେ ଅଙ୍ଗ କିଏ ଘଷିବ ॥୩॥





ଏ ଶରୀର ମୋର    ତୁମ ପାଦତଳେ
ତୁମ ପାଦ ତଳେ    ଏ ଶରୀର ମୋର
ପୋଖରୀ ଛଦାଟି    ହୋଇବ କୋମଳ
ଟିକିଏ ଆନନ୍ଦ    ଦେବା ପାଇଁ ପ୍ରଭୁ
ପଥରରେ ପାଦ ଘଷିବ ॥୪॥

ଘଷି ଘଷି ପାଦ    ହୋଇବ ସମାନ
ପଥର ଖଣ୍ଡିକ    ପାଉ ଜୀବଦାନ
ଅହଲ୍ୟାକୁ ତାରି    ନାମ ଦେଇଥିଲ
ଆନନ୍ଦେ ଆନନ୍ଦ ଭାସିବ ॥୫॥

ବିଶ୍ୱର କୁବୁଜା    ଦେଇଚ ସଲଖି
ସୁନ୍ଦରୀ ପଣରେ    ଲାଖି ରହେ ଆଖି
ସେହି ଆଶୀର୍ବାଦ    ଥରେ ମତେ ଦିଅ
ସକଳ ମନକୁ ତୋଷିବ ॥୬॥

ତୁମ ବିନା ଆନ    କେହି ନାହିଁ ମୋର
ଦୁଃଖରେ ଭାସୁଛି    ଏଇ ଭଙ୍ଗା ଘର
ହତାଶ ବତାସ    କଲାଣି ଏ ପ୍ରାଣ
ଦୁଃଖରେ ଡ଼ାକୁଛି ଆସିବ ॥୭॥

ଦୟାମୟ ଦୟା    ଥାଉ ଥରେ ତୋର
ନିଦୟା ନୋହିବ    ମୋପାଇଁ ଠାକୁର
ଟକିଏ ଚାହିଁଲେ    ଦୁଃଖ ନାଶ ହେବ
ଦୁଃଖୀ ପାଇଁ ପ୍ରଭୁ ହସିବ ॥୮॥

●

(୨୭)

ବସନ୍ତ ଆଇଲେ    କୋଇଲି ଡ଼ାକିବ
କୁହୁ କୁହୁ ତାନ କରି ।
ଶୁ'ଣ ଲୋ ରାଧା    କୃଷ୍ଣ ଡ଼ାକୁଅଛି
ତୋହରି ନାଁକୁ ଧରି ॥୦॥

କୃଷ୍ଣ ଡ଼ାକୁନାହିଁ    ବଇଁଶୀ ଡ଼ାକୁଛି
ସଦା ଥାଆ ହୁସିଆରି ।
ସେ କାଳିଆକାହ୍ନା    ଉଡ଼େଇବ ବାନା
ତୋତେ କରିବ ଦୋଚାରୀ... ରାଧା ଲୋ... ॥୧॥



ଜନମ କାଳରୁ　　ମଥୁରା ଛାଡ଼ିଲା
ଯମୁନାକୁ ହେଲା ପାରି ।
ବସୁଦେବ ଆଣି　　ଗୋପରେ ଛାଡ଼ିଲା
ଖେଳୁଥାଆ ଗୋପୀ ଧରି ॥୨॥

ଘରେ ଘରେ ପଶି　　ଦୁଧ ଦହି ଖାଇଁ
ଖେଳାଉ ଭକତ ଧରି ।
ଭକତ ବତ୍ସଳ　　ନାମ ଆଦିମୂଳ
ଏକା କୃଷ୍ଣରେ ତୋହରି ॥୩॥

ଥିଲୁ ତୁ ପାଲଟା　　ଏଡ଼େ ତୁ ନିଲଠା
ବସ୍ତ୍ର କଲୁ କାହିଁ ଚୋରୀ ।
ଅମାନିଆ ହେଲୁ　　ମନା ନ ମାନିଲୁ
ଗୋପେ ଜଗିଲୁ ବାଛୁରୀ ॥୪॥

ମାମୁଁ ଅଷ୍ଟମଲ୍ଲ　　କଲୁ କଲ ବଲ
ଅସ୍ତ୍ରଶସ୍ତ୍ର ନାହୁଁ ଧରି
କେଉଁ ମନ୍ତ୍ର ତୁହି　　ଜାଣୁ ନନ୍ଦ କାହ୍ନା
(ଆରେ)ମନ୍ତ୍ର ଧୂଳି ଦେଉ ମାରି ॥୫॥
ଧାଇ ପୁତନାକୁ　　କ୍ଷୀରରେ ଶୋଷିଲୁ
କେତେ କଲବଲ କରି ।
ଟେକା ପରି ଟେକି　　ଗିରି ଦେଖାଇଲୁ
ନାମ ତାର ମହାଗିରି ॥୬॥

ନାଉରୀ ହୋଇଲୁ　　ପାରି କରୁଥିଲୁ
ଗଉଡୁଣୀ ଭଡ଼ା କରି ।
କି ଲାଭ ପାଇଲୁ　　ଗୋପରେ ରହିଲୁ
(ଆରେ) ଗୋପରେ ହେଲୁ ନାଉରୀ ॥୭॥

ଯଶୋବନ୍ତୀ ମାଆ　　ବାନ୍ଧି ରଖିଥିଲା
ତୋତେ ଯେତେ ହୁସିଆରି
ହଟା ଦେବା ପାଇଁ　　ଗୋପରେ ବୁଲିଲୁ
ଘରେ ଘରେ କଲୁ ଚୋରୀ ॥୮॥

ଏବେ ନୀଳାଞ୍ଚଳେ　　ତୁ ବଡ଼ ଦେଉଳେ
ବସିଛୁ ଆସନ କରି ।
ରତ୍ନ ସିଂହାସନ　　ମଉଡ଼ ମଣିରେ
ହେବେ ନାହିଁ କେହି ସରି ॥୯॥





ତୋ ପରି ଦେବତା　　କହୁନାହିଁ କଥା
ଡ଼ାକି ଡ଼ାକି ଗଲି ଫେରି
ତୋ ସିଂହ ଦୁଆରେ　　ମୋ ଦିନ ସରିଲା
ଡ଼ାକୁଥାଏ ନାମ ଧରି ॥୧୦॥

ଜଗା କାଳିଆକୁ　　ଭରସା କଲି ମୁଁ
ହୋଇଲାଣି ଏତେ ସରି ।
(ଆରେ) ଭଲ କାଢ଼ି ନେଲୁ　　ଭେଲ ଭରି ଦେଲୁ
ଇଏ କେଉଁ ବାହାଦୁରୀ ॥୧୧॥

ଦିବସ ରଜନୀ　　ଦୁଃଖରେ ମରୁଛି
ତୋର ନାମ ଧରିଧରି
କୋଟିଏ ଜୁହାର　　ପାଦରେ ତୋହରି
(ମୋ) ଜୀବନଟା ଯାଉସରି ॥୧୨॥

କାହିଁ କଲ ବଲ　　କରୁଛୁ କାଳିଆ
ଇଏ କେଉଁ ବାହାଦୁରୀ
ରହିବା ପାଇଁକି　　ଟିକିଏ ମାଗୁନି
ଭୋଗ ନୁହେଁ ବସୁନ୍ଧରୀ ॥୧୩॥

ରାଜା ଜମିଦାର　　କଲୁ ତୁ ଫକୀର
ମୋତେରେ କଲୁ ଭିକାରୀ ।
ଭୋକିଲା ପେଟରେ　　ଦିନ ଗଣୁଥାଇ
(ମୋ) ଦିନ ଯିବାପାଇଁ ସରି ॥୧୪॥

•

## (୨୮)

ପରମ ପୁରୁଷ　　ପରମ ହଂସ
ପରମ ଦେବତା ମୋର
କରମ ଖରାପ　　ପଡ଼ିଲା ବୋଲି ମୁଁ
ଜଣାଏ ଦୁଃଖ ମୋହର ॥

କେତେ ଦୁଃଖି ଦୁଃଖ　　ଶୁଣିଛ ଠାକୁର
ମୋ ପାଇଁ ହେଲ ପଥର
ସର୍ବେ ଯାଉଛନ୍ତି　　ଦରଶନ କରି
(ମୋପାଇଁ) ପଥ ରୁନ୍ଧ କାହିଁ କର ॥



ଛାଡ଼ିଦିଅ ତୁମ ଦରଶନ ପାଇଁ
ଯାଉଛି ବୁଲା ଫକୀର
ତବ ଦରଶନେ ମୋ ଆନନ୍ଦ ମନ
ରହିଥାଉ ନିରନ୍ତର ॥

ଆହେ ସଦାଶିବ ଏତିକି ରହିବ
ଶୁଣ ହେ ପାର୍ବତୀ ବର
ହେ ଭୋଳା ଶଙ୍କର ଦୁଃଖ ଶୁଣ ମୋର
କେହି ନାହାନ୍ତି ସଂସାର ॥

ବାମରେ ତ୍ରିଶୂଳ ଡ଼ାହାଣେ ଡ଼ମ୍ବରୁ
ଡ଼ିବି ଡ଼ିବି ତିନିପୁର
ବୃଷଭ ବାହନେ ଭ୍ରମ ସବୁ ଦିନେ
ଶ୍ମଶାନ ଆଶ୍ରମ ଯାର ॥

ଭୂତ ଗଣ ସଙ୍ଗେ ଖେଳ ନାନା ରଙ୍ଗେ
ଯା ମହିମା ଆଗୋଚର
ତ୍ରି ନେତ୍ର ଯାହାର ଜଗତ୍ର ଦେଖଇ
ଦୟା ମାତ୍ର ଥରେ କର ॥

ଆହେ ସଦାଶିବ ଦୟାରେ ଆସିବ
ଡ଼ାକୁଛି ହୀନ ଫକୀର
ପରମ ପୁରୁଷ ପରମ ହଂସ ହେ
ଏତକି ସୁଦୟା କର ॥

*ବିଶ୍ୱାସରେ ଉଶ୍ୱାସ,*
*ଅବିଶ୍ୱାସରେ ସର୍ବନାଶ ॥*

... ଗୋବରୀ ଡ଼ାକୁଛି ଆ... ଗାରୋଇ ଡ଼ାକୁଛି ଆ... କାହାକୁ ଏ ଡ଼ାକ... କେମିତି ଏ ଡ଼ାକ...

ସର୍ବ ଆଶ୍ରୟର ସ୍ଥାନ ଆଶ୍ରମ । ଆନନ୍ଦମୟ ଆଶ୍ରାର ସ୍ଥଳ ଆଶ୍ରମ । ପୂର୍ବ ଯୁଗରେ ଏ ସ୍ଥାନରେ ଗୋବର୍ଦ୍ଧନ ଋଷିଙ୍କର ଆଶ୍ରମ ଥିଲା । ପ୍ରକୃତିର ଶାନ୍ତ କୋଳରେ ଋଷି ଲକ୍ଷ୍ମୀ ସ୍ୱରୂପା ମା ଗୌତମୀଙ୍କୁ ଆରାଧନା କରୁଥିଲେ । ଦିବ୍ୟଦ୍ରଷ୍ଟା ଋଷି ଯୋଗବଳରେ କଳିର ଯେଉଁ ଭୟଙ୍କର ରୂପ, ଭକ୍ତ କଷଣ ଦେଖିଲେ, ସେଥିରେ ଦୟାରେ ବିଗଳିତ ହେଲେ । ତାଙ୍କ ଭିତରେ ସ୍ୱତଃ ଜନ କଲ୍ୟାଣ ଯୁକ୍ତ ଗୋବର୍ଦ୍ଧନ ଭାବ ଜାଗ୍ରତ ହେଲା । ଦେବୀ ଆଶୀର୍ବାଦରେ ତର୍ପଣ ଜଳରୁ ସୃଷ୍ଟି ହେଲା ପୁଣ୍ୟତୋୟା ଗୋବରୀ ।

ଦେବୀ ଓ ଗୋବରୀ ନଦୀ ଦ୍ୱୟର ସଙ୍ଗମ ନିକଟରେ ଗାରୋଇ ଆଶ୍ରମ । ଏଠି ନଦୀ ଉତ୍ତର ବାହିନୀ ଗଙ୍ଗା ସ୍ୱରୂପା । ଏ ପୁଣ୍ୟକ୍ଷେତ୍ର ଏ ଯୁଗରେ ପ୍ରସ୍ଫୁଟିତ ହେବା ପାଇଁ ଯିଏ ପୂର୍ବ ନିର୍ଦ୍ଦିଷ୍ଟ, ସେ ବୁଢ଼ିଆ ବାବା । ବାବା ବୃନ୍ଦନାଥ ଦାସ । ଅଚ୍ୟୁତ ମହାପୁରୁଷ ଚାରିଶହ ବର୍ଷତଳେ ପୋଥିରେ ଇଙ୍ଗିତ ଦେଇଥିଲେ ଏ କ୍ଷେତ୍ରର । ବୁଢ଼ିଆ ବାବାଙ୍କର । ଏବେ ବି ସୂକ୍ଷ୍ମରେ ସେ ପୋଥି ମାଧ୍ୟମରେ ନିର୍ଦ୍ଦେଶ କରୁଛନ୍ତି ବିଶ୍ୱ କଲ୍ୟାଣାର୍ଥେ କର୍ମ ପ୍ରବାହ । ଏଠି ତାଙ୍କରି ନିର୍ଦ୍ଦେଶରେ ହଜାରେ ଦିନରେ ଗଢ଼ାହୋଇଛି ବିଶାଳ ଦେଉଳ । ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ପୂର୍ଣ୍ଣାବୟବ ବିଗ୍ରହ ।

ଶ୍ୱେତବଟ, କଳ୍ପ ଅଶ୍ୱତ୍ଥ, ମାଳଶିଆଳୀ ଓ ସୁଭଦ୍ରାଦାରୁ ବେଷ୍ଟିତ ଏ ଶାନ୍ତ ପରିବେଶକୁ ଯିଏ ଆସେ ତା ମନ ଭିତରେ ଗୋଟିଏ ବିଶେଷ ଆକର୍ଷଣ ଥାଏ । ବାବାଙ୍କୁ ଟିକେ ଭେଟିବ । ବଟ ମୂଳେ ମହାପୁରୁଷ ଅଚ୍ୟୁତଙ୍କ ମୂର୍ତ୍ତି । ଭକ୍ତକୁ ଡାକିନେଇବାକୁ ବଟ ଡ଼ାଳରେ ପ୍ରସାରିତ ବାହା । ସବୁ ଭିତରେ ଭକ୍ତ ଟାଣି ହୋଇଯାଏ ଭଜନ ମଣ୍ଡପକୁ । ଭାବ ଥିଲେ ଭେଟ ହୁଏ । କଥା ଭିତରେ ଗୀତର ଲହରୀ ଖେଳେ । ଗୋଟିଏ ଗୀତରୁ ବସିଲା ଲୋକେ ବିଭିନ୍ନ ପ୍ରକାର ଅର୍ଥ ପାଆନ୍ତି । ନିଜ ନିଜ ମନର ଭାର କଟେ । ମନ ଭିତରେ ଆଶ୍ରାର ବାଟ ଫିଟେ । ମୋଟ ମନ ସରୁ ହୁଏ । ମୁକ୍ତ ହସକ୍ଷରା ବାବାଙ୍କ ମୁହଁ, ଭାବ ଆଖିରେ ନାଚୁଥାଏ ଯେ ନାଚୁଥାଏ । ଶୂନ୍ୟରୁ ଝରା ଗୀତ ଅନେକ ବେଳେ ଶୂନ୍ୟରେ ମିଶି ଯାଏ । ଶୁଣାଳିଏ ଶବ୍ଦକୁ ଧରି ପାରନ୍ତିନି । ଭାବ ପ୍ରସାଦ ପାଆନ୍ତି ଯାହା । ତାଙ୍କ କୃପାରୁ କଷଣ ଭାରରେ ଥିବା ମଣିଷକୁ ଉଶ୍ୱାସିବାକୁ, ମୋହ ଜଞ୍ଜାଳରୁ ଟିକେ ମୋହ ଭଙ୍ଗ ହେବାରେ ସାହା ହେବାକୁ, ଭିତର ବାହାର ଭାରସାମ୍ୟ ରକ୍ଷା କରିବା ପାଇଁ ଆଶ୍ରା ହେବାକୁ... ସେ ଭାବ ଝରଣାର କେତୋଟି ଗୀତକୁ ନେଇ "ଭକ୍ତ ଗୋବରୀ" ।

ତାଙ୍କ ଶବ୍ଦ ତାଙ୍କ ଅସୀମ କୃପାରେ ଗୁନ୍ଥା ।

ସଞ୍ଜୟ